ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୨ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 AUGUST 2020

Vol.No. 30 ■ No. 212■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୩୯୦

ଭୁବନେଶ୍ୱର,୨୧।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୩୯୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରୁ ୪ ଜଣ. ଖୋର୍ଧା ଜିଲ୍ଲାରୁ ୨ ଜଣ. ଅନୁଗୁଳ,କୋରାପୁଟ, ନୟାଗଡ ଓ ସୋନପୁରରୁ ଜଣେ ଜଣେ କରୋନାରେ ମୃତ୍ୟୁ ବରଣ

କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୫୮ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଗଂଜାମ ଜିଲ୍ଲାର ଜଣେ ଜଣେ ୪୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଗଂଜାମ ଜିଲ୍ଲାର ଜଣେ ୫୦ ବର୍ଷ ବୟସ୍କା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ହିଁ ଜଣେ ୭୦ ବର୍ଷୀୟ ▶▶ପୃଷ୍ଠା ୭

କରୋନା ପରୀକ୍ଷଣରେ ଦେଶରେ ଓଡିଶା ଦ୍ୱିତୀୟ

ଭୁବନେଶ୍ୱର,୨୧।୮ (ନି.ପ୍ର): କରୋନା ପରୀକ୍ଷଣରେ ଓଡିଶା ଦେଶର ଦ୍ୱିତୀୟ ଅଗ୍ରଣୀ ରାଜ୍ୟ ହାଇପାରିଛି । ଜାତୀୟ ସ୍ତରରେ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ୫୮୦ ଜଣଙ୍କର ପରୀକ୍ଷା କରାଯାଉଥିବା ବେଳେ ଓଡିଶାରେ ଏହି ସଂଖ୍ୟା ୧୨୬୫ ରହିଛି । କୋଭିଡ୍ ରୋଗୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ଚିକିତ୍ସା ପାଇଁ ରାଜ୍ୟ ପରୀକ୍ଷଣକୁ କ୍ରମାଗତ ଭାବେ ବୃଦ୍ଧି କରୁଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି ।

ଓପିଏସସିର ୨ ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୨୧।୮ (ନି.ପ୍ର): ପୂର୍ବତନ ଆଇଏଏସ୍ ଅଧିକାରୀ ବିଭୂତି ଭୂଷଣ ପଟ୍ଟନାୟକ ଏବଂ ପ୍ରଫେସର ସୁଧାଂଶୁ ଶେଖର ରଥଙ୍କୁ ଓଡିଶା ଲୋକସେବା ଆୟୋଗ(ଓପିଏସସି) ସଦସ୍ୟ ଭାବରେ ନିଯୁକ୍ତ କରାଯାଇଛି । ଏସମ୍ପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ବିଭୁତି ଭୂଷଣ ପଟ୍ଟନାୟକ ଗତ ଜୁଲାଇ ୩୧ ତାରିଖରେ ଓଡିଶା କୋ-ଅପରେଟିଭ୍ ସୋସାଇଟି ରେଜିଷ୍ଟ୍ରାର ଭାବେ ଅବସର ନେଇଥିଲେ । ▶▶ପୃଷ୍ଠା ୭

ଦୂତି ଚାନ୍ଦ ପାଇବେ ଅର୍ଜୁନ ପୁରସ୍କାର



ଭୁବନେଶ୍ୱର,୨୧।୮ (ନି.ପ୍ର): ଓଡ଼ିଆ ଆଥଲେଟ ଦୂତି ଚାନ୍ଦ ଏ ବର୍ଷର ସମ୍ମାନଜନକ ଅର୍ଜୁନ ପୁରସ୍କାର ପାଇବେ । ଦୂତିଙ୍କ ସମେତ ମୋଟ ୨୭ ଖେଳାଳୀ ଅର୍ଜୁନ୍ ପୁରସ୍କାର ପାଇବେ । ଶୁକ୍ରବାର ଦିନ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ରାଜୀବ ଗାନ୍ଧି ଖେଳରତ୍ନ, ଅର୍ଜୁନ ପୁରସ୍କାର, ଦ୍ରୋଣାଚାର୍ଯ୍ୟ ପୁରସ୍କାର ଓ ଧ୍ୟାନଚାନ୍ଦ ପୁରସ୍କାର ଲାଗି ମନୋନୀତ ସଫଳ କ୍ରୀଡ଼ାବିତଙ୍କ ନାମ ଘୋଷଣା କରାଯାଇଛି । ଚଳିତ ଥର ୫ ଜଣ କ୍ରୀଡ଼ାବିତ୍ ରାଜୀବ ଗାନ୍ଧି ଖେଳରତ୍ନ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାବେଳେ ୨୭ ଜଣଙ୍କୁ ଅର୍ଜୁନ ପୁରସ୍କାର ମିଳିବ । ▶▶ପୃଷ୍ଠା ୭

ଗୋଟିଏ ଦିନରେ ୨୬୯୮ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୭୨୭୧୮କୁ ବୃଦ୍ଧି

ଭୁବନେଶ୍ୱର,୨୧।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୬୯୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୨୭୧୮ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୬୯୮ ଜଣଙ୍କ ମଧ୍ୟରୁ ୧୬୭୫ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୦୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୪୭୫ ନୂଆ ମାମଲା ସାମନାକୁ ଆସିଛି । ସେହିପରି ଗଂଜାମ ଜିଲ୍ଲାରେ ୧୬୨ ଟି ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୨୯ , ବାଲେଶ୍ୱର ଜିଲ୍ଲାରେ ୧୦୨ ଜଣ, ବରଗଡ ଜିଲ୍ଲାରେ ୫୬, ଭଦ୍ରକ ଜିଲ୍ଲାରେ ୮୯, ବଲାଙ୍ଗିର ଜିଲ୍ଲାରେ ୭୧ .ବୌଦ୍ଧ ଜିଲ୍ଲାରେ ୧୧, କଟକ ଜିଲ୍ଲାରେ ୨୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୨. ଢେଙ୍କାନାଳ ଜିଲ୍ଲାରେ ୨୭, ଗଜପତି ଜିଲ୍ଲାରେ ୫୮, ଜଗତସିଂହପୁର ଜିଲ୍ଲାରେ ୨୧, ଯାଜପୁର ଜିଲ୍ଲାରେ ୮୦. ଝାରସୁଗୁଡା ଜିଲ୍ଲାରେ ୭୨, କଳାହାଣ୍ଡି ଜିଲ୍ଲାରେ ୪୯. କନ୍ଧମାଳ ଜିଲ୍ଲାରେ ୮୧, କେନ୍ଦ୍ରାପଡା ଜିଲ୍ଲାରେ ୮୯ ,କେନ୍ଦୁଝର ଜିଲ୍ଲାରେ ୨୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧୪୬ ଜଣ, ମାଲକାନଗିରି ଜିଲ୍ଲାରେ ୮୧ , ମୟୁରଭଂଜ ଜିଲ୍ଲାରେ ୧୨୮, ନବରଙ୍ଗପୁରରେ ୯୧, ନୟାଗଡ ଜିଲ୍ଲାରେ ୯୪, ନୂଆପଡା ଜିଲ୍ଲାରେ ୩, ପୁରୀ ଜିଲ୍ଲାରେ ୮୭, ରାୟଗଡା ଜିଲ୍ଲାରେ ୧୫୪, ସମ୍ବଲପୁର ଜିଲ୍ଲାରେ ୭୮ ,ସୋନପୁର ଜିଲ୍ଲାରେ ୩୧ ତଥା ସୁନ୍ଦରଗଡ ଜିଲ୍ଲାରେ ୧୦୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୧।୮ (ନି.ପ୍ର): ଉତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ଓଡିଶାର ମାଲଗାନଗିରି, କୋରାପୁଟ, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିପାରେ । ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଏହା ମଧ୍ୟକୁ ନଯିବାକୁ ସତର୍କ କରାଯାଇଛି । ଏହା ବ୍ୟତୀତ ୱାର୍ଣ୍ଣିଂ ଥିବା ଜିଲ୍ଲାଗୁଡିକର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାପାଇଁ ଏସଆରସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଆସନ୍ତାକାଲି ବାଲେଶ୍ୱର, ମୟୁରଭଂଜ, କେନ୍ଦ୍ରାପଡା, ଭଦ୍ରକ, ଜଗତସିଂହପୁର, କେନ୍ଦୁଝର, ଦେବଗଡ ଓ ଯାଜପୁର ଜିଲ୍ଲାରେ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲା ଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୩ ତାରିଖ ▶▶ପୃଷ୍ଠା ୭

ମୋଦି ସରକାରଙ୍କ ୬୫ ଯୋଜନାରେ ୬୦,୮୬୫ କୋଟି ଓଡିଆ ଲୋକଙ୍କ ବ୍ୟାଙ୍କ ଖାତାରେ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୮ (ନି.ପ୍ର): ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା,ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଭଳି ୬୫ଟି ଭିନ୍ନ ଭିନ୍ନ ଯୋଜନା ମାଧ୍ୟମରେ ଓଡ଼ିଶାର ହିତାଧିକାରୀମାନେ ଡ଼ିବିଟି ଜରିଆରେ ତଥା ସିଧାସଳଖ ବ୍ୟାଙ୍କ୍ ଖାତାରେ ୬୦,୮୬୫ କୋଟି ଟଙ୍କା ପାଇଛନ୍ତି । ଓଡ଼ିଶା ଭଳି ଗ୍ରାମ୍ୟ ଅର୍ଥନୀତି ଅଂଚଳରେ ଡିବିଟି ; ଉଭୟ ସରକାର ଏବଂ ଲାଭାର୍ଥୀଙ୍କୁ ସହାୟକ ହୋଇଛି

ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ମୋଦି ସରକାରଙ୍କ ସମାବେଶୀ ଆର୍ଥିକ ଯୋଜନା ପ୍ରସଙ୍ଗରେ ଟ୍ୱିଟ୍ କରିଛନ୍ତି ଯେ ପ୍ରତ୍ୟେକ ଘରକୁ ବ୍ୟାଙ୍କ୍ ସହ ଯୋଡ଼ିବା ଏବଂ ବ୍ୟାଙ୍କ୍ ଖାତା ନଥିବା ପ୍ରତ୍ୟେକ ଲୋକଙ୍କୁ ବ୍ୟାଙ୍କିଂ ସୁବିଧା ପ୍ରଦାନ କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ । ୨୦୧୪ ମସିହାରେ ଶୁଭାରମ୍ଭ ହୋଇଥିବା ବିଶ୍ୱର ସର୍ବବୃହତ ସମାବେଶୀ ଆର୍ଥିକ କାର୍ଯ୍ୟକ୍ରମ ତଥା ଭୂୟଂସୀ ପ୍ରଶଂସା ପାଇଥିବା 'ଜନଧନ ଯୋଜନା' ଚଳିତବର୍ଷ ଅଗଷ୍ଟ ମାସ ସୁଦ୍ଧା ଦେଶର ୪୦ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଏବଂ ସରକାରୀ ଲାଭ ଦେଇଛି । ପ୍ରଧାନମନ୍ତ୍ରୀଙ୍କ ଏହି କଲ୍ୟାଣକାରୀ ଯୋଜନାରେ ଓଡ଼ିଶାର ୭୪ ଲକ୍ଷ ପରିବାରର ୧.୫ କୋଟିରୁ ଉର୍ଦ୍ଧ୍ୱ ଗରିବ ଲୋକ ଉପକୃତ ହୋଇପାରିଛନ୍ତି । ସେହିପରି 'ମୁଦ୍ରା ଯୋଜନା' ସମାବେଶୀ ଆର୍ଥିକ ଯୋଜନା ଏବଂ ଦେଶରେ ଅଣୁ ଉଦ୍ୟୋଗ ଗୁଡ଼ିକୁ ମଜବୁତ୍ କରିବା ପାଇଁ ଅନ୍ୟ ଏକ ରଣନୈତିକ ପଦକ୍ଷେପ ଭାବେ ଉଭା ହୋଇଛି । 'ମୁଦ୍ରା ଯୋଜନା'ରେ ଋଣ ନେଇ ଓଡ଼ିଶାର ୪୧ ଲକ୍ଷ ଲୋକ ସଶକ୍ତ ହୋଇପାରିଛନ୍ତି । ଏହା ଅପାର ସମ୍ଭାବନାର ସମ୍ଭାର ଆଣିବା ସହ ଲୋକଙ୍କ ଆର୍ଥିକ ପ୍ରତିବନ୍ଧକକୁ ମଧ୍ୟ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି ଷ୍ଟାଣ୍ଡଅପ୍ ଇଣ୍ଡିଆ ଭାରତର ସମାବେଶୀ ଆର୍ଥିକ ଯୋଜନା ପାରାଡ଼ିଜିମରେ ଆଉ ଏକ ବିପ୍ଳବ । ଷ୍ଟାଣ୍ଡଅପ୍ ଇଣ୍ଡିଆ ଓଡ଼ିଶାର ୨୫୦୦ରୁ ଉର୍ଦ୍ଧ୍ୱ ଉଦ୍ୟମୀଙ୍କ ସ୍ୱପ୍ନକୁ ପୂରଣ କରିଛି, ମହିଳାଙ୍କ ମଧ୍ୟରେ ଉଦ୍ୟୋଗୀର ପ୍ରୋତ୍ସାହନ ବଢ଼ାଇଛି ଏବଂ ଋଣ କାରଣରୁ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକଙ୍କୁ ସୁବିଧା ମଧ୍ୟ ▶▶ପୃଷ୍ଠା ୭

ଅମର ସିଂହଙ୍କ ମୃତ୍ୟୁ ପରେ ଖାଲି ରାଜ୍ୟ ସଭା ସିଟର ଉପ ନିର୍ବାଚନ ଆଗାମୀ ସେପ୍ଟେମ୍ବର ୧୧ରେ

ନୂଆଦିଲ୍ଲୀ,୨୧।୮ (ନି.ପ୍ର): । ରାଜ୍ୟ ସଭା ସାଂସଦ ଅମର ସିଂହଙ୍କ ମୃତ୍ୟୁ ପରେ ଖାଲି ହେଉଥିବା ରାଜ୍ୟସଭା ଆସନ ପାଇଁ ଉପ ନିର୍ବାଚନ ଆଗାମୀ ସେପ୍ଟେମ୍ବର ମାସ ୧୧ ତାରିଖ ଦିନ ହେବ । ନିର୍ବାଚନ କମିଶନଙ୍କ ଦ୍ୱାରା ଏ ସମ୍ପର୍କରେ ଘୋଷଣା କରା ଯାଇଛି । ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ ଏହି ଉପ ନିର୍ବାଚନ ପାଇଁ ଆଗାମୀ ଅଗଷ୍ଟ ୨୫ରେ ଅଧିସୂଚନା ଜାରୀ କରା ଯିବ । ସେପ୍ଟେମ୍ବର ମାସ ୧ ତାରିଖ ଯାଏ ନାମାଙ୍କନ ପତ୍ର ଦାଖଲ କରା ଯାଇ ପାରିବ । ସେପ୍ଟେମ୍ବର ୨ ତାରିଖ ଦିନ ନାମାଙ୍କନ ପତ୍ର ଗୁଡିକର ଜାଂଚ କରା ଯିବ । ସେପ୍ଟେମ୍ବର ୪ ତାରିଖ ଯାଏ ନାମଙ୍କନ ପତ୍ର ପ୍ରତ୍ୟାହାର କରା ଯାଇ ପାରେ । ସେପ୍ଟେମ୍ବର ୧୧ ତାରିଖ ଦିନ ସକାଳ ୯ରୁ ୪ଟା ଯା ଏ ଉପ ନିର୍ବାଚନ ହେବ । ସେହି ଦିନ ସଂଧ୍ୟାରେ ଭୋଟ ଗ୍ରହଣ କରା ଯିବ । ଉଲ୍ଲେଖନୀୟ ଯେ କିଛି ଦିନ ପୂର୍ବେ ଅମର ସିଂହଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ତାଙ୍କର କାର୍ଯ୍ୟକାଳ ୦୪ ଜୁଲାଇ ୨୦୨୨ରେ ଶେଷ ହେଉଥିଲା ।

କର୍ଣ୍ଣାଟକରେ କୋରୋନାରେ ଗତ ୨୪ ଘଂଟାରେ ୯୩ ମୃତ୍ୟୁ

ବେଙ୍ଗାଲୁରୁ,୨୧।୮ (ନି.ପ୍ର): କର୍ଣ୍ଣାଟକରେ କୋରୋନାରେ ଗତ ୨୪ ଘଂଟାରେ ୯୩ ମୃତ୍ୟୁ ଘଟିଛି । ଗତ ୨୪ ଘଂଟାରେ ୭୫୭୧ କରୋନାର ନୂଆ ମାମଲା ସାମନାକୁ ଆସିଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ମାମଲା ୨୬୪୫୪୬ ହୋଇଥିବା ବେଳେ ବର୍ତମାନ ସୁଦ୍ଧା ରାଜ୍ୟରେ ୪୫୨୨ ଜଣଙ୍କର ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

ଅଗଷ୍ଟ ମାସରେ ହୋଇଛି ଅଧିକ ବର୍ଷା

ଭୁବନେଶ୍ୱର,୨୧।୮ (ନି.ପ୍ର): ଜୁନ-ଜୁଲାଇ ମାସରେ କମ୍ ବର୍ଷା ହୋଇଥିବା ବେଳେ ଲଗାତର ଲଘୁଚାପ ଯୋଗୁଁ ଅଗଷ୍ଟ ମାସରେ ରାଜ୍ୟରେ ଅଧିକ ବର୍ଷା ହୋଇଛି । ଅଗଷ୍ଟରେ ୪୫.୨ ପ୍ରତିଶତ ଅଧିକ ବର୍ଷା ହୋଇଛି । ଗତ ଜୁନ୍ ମାସରୁ ଆଜି ଯାଏଁ ରାଜ୍ୟରେ ସାଧାରଣ ବୃଷ୍ଟିପାତ ଠାରୁ ୧.୩ ପ୍ରତିଶତ ଅଧିକ ବର୍ଷା ହୋଇଥିବା ନେଇ ଏସଆରସି ପ୍ରଦୀପ ଜେନା ସୂଚନା ଦେଇଛନ୍ତି । ଜୁନ୍ ମାସରେ ସାଧାରଣ ବୃଷ୍ଟିପାତ ଠାରୁ ୯.ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ଜୁଲାଇ ମାସରେ ସ୍ୱାଭାବିକ ଠାରୁ ୩୪.୯ ପ୍ରତିଶତ କମ୍ ବର୍ଷା ହୋଇଥିଲା । ହେଲେ ଅଗଷ୍ଟ ମାସରେ ହୋଇଥିବା ଅଧିକ ବର୍ଷା ଯୋଗୁଁ ଚାଷ ପାଇଁ ରାଜ୍ୟରେ ସୃଷ୍ଟି ହୋଇଥିବା ଜଳାଭାବ ଦୂର ହୋଇଛି । ତେବେ ଅଗଷ୍ଟ ମାସରେ ୧୭ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ୧୯ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ୧୨ଟି ଜିଲ୍ଲାରେ ସାଧାରଣ ବର୍ଷା ହୋଇଛି ।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୬୮,୮୯୮ ନୂଆ ମାମଲା: ୯୮୩ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୧।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୬୮,୮୯୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୯୮୩ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୯,୦୫,୯୨୪ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୬୯୨,୦୨୮ ସକ୍ରିୟ ରୋଗୀ ଅଛନ୍ତି । ଦେଶରେ ମୋଟ ୨୧,୫୮,୯୪୭ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତମାନ ସୁଦ୍ଧା ୫୪୮୪୯ ଜଣ ମୃତ୍ୟୁ ବରଣ କରିଛନ୍ତି ।

ସଂକ୍ରମଣ ବୃଦ୍ଧିର କାରଣ ନିର୍ଣ୍ଣୟ କରି ରଣ-କୌଶଳ ପୁନଃ ନିର୍ଦ୍ଧାରଣ କର: ମୁଖ୍ୟଶାସନ ସଚିବ

ଲୋକମାନଙ୍କ ମଧ୍ୟରେ ଅଧିକ ପ୍ରତିବଦ୍ଧତା ସୃଷ୍ଟି କରିବା ନିମନ୍ତେ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୮ (ନି.ପ୍ର): କୋଭିଡ୍ ସଂକ୍ରମଣ ବୃଦ୍ଧିର ନିର୍ଦ୍ଦିଷ୍ଟ କାରଣ ନିର୍ଣ୍ଣୟ କରି ତଦନୁଯାୟୀ ନିଜ ନିଜର ରଣ କୌଶଳ ପୁନଃନିର୍ଦ୍ଧାରଣ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ସମସ୍ତ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ସପ୍ତାହର ସ୍ଥିତି ବିଷୟରେ କୋଭିଡ୍ ପର୍ଯ୍ୟବେକ୍ଷକ ଏବଂ ଜିଲ୍ଲାପାଳ ମାନଙ୍କ ସହ ଡିଜିଟାଲ୍ ମୋଡ୍‌ରେ ସମୀକ୍ଷା କରି ଶ୍ରୀ ତ୍ରିପାଠୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ସଂକ୍ରମଣ ବୃଦ୍ଧିର ହାର ଓ କାରଣ ଅଂଚଳ ଭିତିରେ ଭିନ୍ନ ଭିନ୍ନ ହୋଇପାରେ । ଗ୍ରାମାଂଚଳରେ ସଂକ୍ରମଣ ବୃଦ୍ଧିର କାରଣ ସହରାଂଚଳଠାରୁ ଅଲଗା । ପଡ଼ୋଶୀ ରାଜ୍ୟ ସହ ସଂଲଗ୍ନ ଅଂଚଳରେ ସଂ

ବିଜେଡିରେ ୪୫ ସମ୍ପାଦକ, ୪୧ ଯୁଗ୍ମ ସମ୍ପାଦକଙ୍କୁ ନିଯୁକ୍ତି

ଭୁବନେଶ୍ୱର,୨୧।୮ (ନି.ପ୍ର): ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ଗୁରୁବାର ୪୫ ଜଣ ସମ୍ପାଦକ ଓ ୪୧ ଜଣଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ଏହାସହ ସମସ୍ତ କର୍ମକର୍ତାଙ୍କୁ ବିଭିନ୍ନ କ୍ଷେତ୍ରରେ ଦାୟିତ୍ୱ ପ୍ରଦାନ କରାଯାଇଛି । ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସବୁ ନୂଆ ଦଳୀୟ କର୍ମକର୍ତାମାନଙ୍କୁ ନିଯୁକ୍ତ କରିଛନ୍ତି । ସମ୍ପାଦକ ଭାବେ କିଶୋର ତରାଇ ଓ ସଂଘମିତ୍ରା ଦଳେଇଙ୍କୁ ଅନୁସୂଚୀତ ଜାତି ବିକାଶ ଦାୟିତ୍ୱ ଦିଆଯାଇଥିବାବେଳେ ଅନୁଭବ ପଟ୍ଟନାୟକ, କେ.ଶାନ୍ତି ଓ ବିଷ୍ଣୁପ୍ରିୟା ଦାସଙ୍କୁ ନାରୀ ସଶକ୍ତିକରଣ ଦାୟିତ୍ୱ, ଅମରେଶ ପତ୍ରୀ ଓ ରଂଜିତ ମହାପାତ୍ରଙ୍କୁ ଯୁବ ବ୍ୟାପାର ଦାୟିତ୍ୱ ଦିଆଯାଇଛି । ସେହିପରି ଅମରଜିତ ସେନାପତି, ବିଶ୍ୱଜିତ ସାମନ୍ତରାୟ ଓ ମନ୍ଦିକିନୀ କରଙ୍କୁ ଛାତ୍ର ବ୍ୟାପାର, ଚିନ୍ମୟ ସାହୁ, ଅମରେଶ ଜେନା, ସୌଭାଗ୍ୟ ନାୟକ, ସୁବ୍ରମଣ୍ୟମ ମହାନ୍ତି, ସୁବାସ ମହାରଣା ଓ ଶୈଳେଶ ଦାନୀଙ୍କୁ ସଶକ୍ତ ଓଡ଼ିଶା ଦାୟିତ୍ୱ ଦିଆଯାଇଛି । ରବିନାରାୟଣ ନନ୍ଦ, ସଂଗ୍ରାମ କେଶରୀ ପାଇକରାୟ,ଶଶୀ ସାହୁ, ପ୍ରୟାସକାନ୍ତି ସାମଲ, ମରୁତ ପାଲଙ୍କୁ କଳା ,ସଂସ୍କୃତି ଓ ମାନବ ସମ୍ବଳ ଦାୟିତ୍ୱ ଦିଆଯାଇଛି । ଶେଖ ନିଜାମୁଦ୍ଦିନ ଓ ମହମ୍ମଦ ତବୁ. ସକିଲଙ୍କୁ ସଂଖ୍ୟାଲଘୁ ବ୍ୟାପାର, ଭୁବନେଶ୍ୱର କିଷାନ, ଭାରତୀ ସିଂ ଓ କୃଷ୍ଣଚନ୍ଦ୍ର ଦାସଙ୍କୁ ଆଦିବାସୀ ଓ ସଂଖ୍ୟାଲଘୁ ବ୍ୟାପାର ଦାୟିତ୍ୱ ଦିଆଯାଇଛି । ସେହିପରି ସୁଭାଷ ପାତ୍ର, ଦୁର୍ଗା ସାମନ୍ତରାୟ, ଅଜୟ ନାୟକ, ଶିଶିର ପାତ୍ର, ମୀରା ପରିଡ଼ାଙ୍କୁ ଓଡ଼ିଶା ମୋ ପରିବାର ଏବଂ ପୁଷ୍ପେନ୍ଦ୍ର ସିଂ ଦେଓ, ସରୋଜ କରଣ ଓ ଟି. ପ୍ରସାଦ ରାଓ ଦୋରାଙ୍କୁ ସାମାଜିକ କଲ୍ୟାଣ ଦାୟିତ୍ୱ ଦିଆଯାଇଛି । ଅନ୍ୟପକ୍ଷରେ ସ୍ୱାଧୀନ ନାୟକ, କୁନା ବିହାରୀ ଦାସ,ସନ୍ତୋଷ ପଟ୍ଟନାୟକ ଓ ହର୍ଷ ବର୍ଦ୍ଧନ ସିଂଦେଓ, ରଂଜିତ ସାହୁଙ୍କୁ ଆଂଚଳିକ ବିକାଶ ଏବଂ ଉତର ପାତ୍ର, ତପନ ଦାସ, କୃଷ୍ଣ ପଣ୍ଡା, ତ୍ରିନା ଗୋଏଲ ଓ ଚନ୍ଦ୍ରକାନ୍ତ ସାମଲଙ୍କୁ ପରିବେଶ ଦାୟିତ୍ୱ ଦିଆଯାଇଛି । ଅନ୍ୟପକ୍ଷରେ ଦଳ ପକ୍ଷରୁ ନିଯୁକ୍ତ ୪୧ ଜଣ ଯୁଗ୍ମ ସମ୍ପାଦକଙ୍କ ମଧ୍ୟରୁ ସଂଜୟ ସାହୁ-ସଶକ୍ତ ଓଡିଶା,ସଂଜିତ ମହାନ୍ତି - ପରିବେଶ ,ଏମ.ଧନଞ୍ଜୟ ରେଡ୍ଡୀ - ଯୁବ ବ୍ୟାପାର, ସନ୍ତୋଷ ବେଜ- କଳାଓ ସଂସ୍କୃତି,ସମୀର ପ୍ରଧାନ- ଓଡିଶା ମୋ ପରିବାର, ଦେବାଶୀଷ ସିଟ- ଅନୁସୂଚିତ ଜାତି ସଶକ୍ତିକରଣ ଦାୟିତ୍ୱ ଦିଆଯାଇଛି। ଏମାନଙ୍କ ବ୍ୟତୀତ ଜ୍ୟୋତି ରଂଜନ ଜେନା, ପୃଥୀରାଜ ସାହୁ, ପ୍ରକାଶ ଡାଙ୍ଗ, ଦେଜାଲିନ ମହାପାତ୍ର, ସ୍ୱରାଜ ଲକ୍ଷ୍ମୀ ସାମଲ, ରେଜୱାନ ବେଗମ, ସଂଘମିତ୍ରା ଜେନା, ସବିତା ମହାପାତ୍ର, ସବିତା ପ୍ରଧାନ, ଜାହିର ଖାଁ, ପ୍ରଦୀପ ବିଶୋଇ, ଚକ୍ରଧର ହେମ୍ବ୍ରମ୍, ଧର୍ମେନ୍ଦ୍ର ଅଧିକାରୀ, ଦିଲିପ ଧୁରିଆ, ଅବନୀ ରଂଜନ ଯୋଶୀ, ରାକେଶ ରାମ, କୈଳାଶ ରାଣ, ପ୍ରଶାନ୍ତ ନାୟକ, ଅଶୋକ ସାହୁ, ଜଗନ୍ନାଥ ଦାସ, ହରିଶଙ୍କର ରାଉତ, ତୁମ୍ବନାଥ ପଣ୍ଡା,ହିମାଂଶୁ ଦାସ, ସତ୍ୟ ରଂଜନ ଦାସ, ରାଜକମଲ ଜେନା, ଜ୍ଞାନଗିରି ଗୋସ୍ୱାମୀ, ପୁଲକ ମହାନ୍ତି, ରାକେଶ ପଣ୍ଡା, ଗତିକୃଷ୍ଣ ନନ୍ଦ, ତନ୍ମୟ ସ୍ୱାଇଁ, କିଶୋର ନାୟକ, ରଂଜିତ ରାୟ, ରାଜେଶ ପଣ୍ଡା, ରୁଦ୍ର ସାମନ୍ତରାୟ ଓ ଦୀପ୍ତିକାନ୍ତ ପରିଜାଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ଦିଆଯିବା ସହ ବିଭିନ୍ନ ଦାୟିତ୍ୱ ଦିଆଯାଇଛି।

ସାମ୍ବାଦିକ ଙ୍କ ପିତୃ ବିୟୋଗ

ପୁରୀ,୨୧।୮ (ନି.ପ୍ର): ଏକ ଘରୋଇ ଓେବ ଚ୍ୟାନେଲ ର ଜିଲା ପ୍ରତିନିଧି ଜୟକୃଷ୍ଣ ଦାସ ଙ୍କର ପିତା ଜଗବନ୍ଧୁ ଦାସ ଙ୍କର ଆଜି ଅପରାହ୍ନ ରେ ତାଙ୍କର ବାଲିସାହିସ୍ଥ ବାସଭବନ ରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା । ସେ ଗତ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗ ରେ ପିଡୀତ ଥିଲେ । ତାଙ୍କର ମୃତ୍ୟୁ ସଜ୍ଜା ନିକଟରେ ଦୁଇ ପୁଅ , ବୋହୂ , ଜ୍ୱାଇଁ, ଝିଅ,ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ । ତାଙ୍କ ମର ଶରୀର କୁ ବାସଭବନ ରୁ ସ୍ୱର୍ଗଦ୍ୱାର କୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କର ଜ୍ୟେଷ୍ଠ ପୁତ୍ର ଜୟକୃଷ୍ଣ ଦାସ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁ ରେ ଉକ୍ତ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

ରାଜୀବ ଗାନ୍ଧୀଙ୍କ ଜୟନ୍ତୀରେକିଷାନ କଂଗ୍ରେସ ପକ୍ଷରୁ ବୃକ୍ଷରୋପଣ

ଭୁବନେଶ୍ୱର,୨୧।୮ (ନି.ପ୍ର): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ୭୬ ତମ ଜନ୍ମ ଜୟନ୍ତୀ ଅବସରରେ ଓଡିଶା ପ୍ରଦେଶ କିଷାନ କଂଗ୍ରେସ ତରଫରୁ ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଅମୀୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା, ଶରତ ପଟ୍ଟନାୟକ, ଏଆଇସିସି ସାଧାରଣ ସଂପାଦକ ରାମଚନ୍ଦ୍ର ଖୁଂଟିଆ, ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ । ଅନୁରୂପ ଭାବେ ଆଜି ପିସିସି କୃଷକ ସେଲ୍ ପକ୍ଷରୁ ସମସ୍ତ ଜିଲ୍ଲାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ବୋଲି କୃଷକ ସେଲ୍ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି । ପରିବେଶ ସୁରକ୍ଷା, ପ୍ରଦୂଷଣମୁକ୍ତ, ଅନିୟମିତ ଜଳବାୟୁ ଦ୍ୱାରା କୃଷି ଉପରେ ପଡୁଥିବା ପ୍ରଭାବ ଓ ଚିର ସବୁଜିମା ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସମସ୍ତ ଜନସାଧାରଣ ଗୁରୁତ୍ୱ ଦେବା ପାଇଁ ଶ୍ରୀ ପଟ୍ଟନାୟକ ଆହ୍ୱାନ କରିଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୬ତମ ଜନ୍ମ ଜୟନ୍ତୀ ପାଳିତ

ବାରିପଦା,୨୧।୮ (ନି.ପ୍ର): ସ୍ଥାନୀୟ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଭାରତରତ୍ନ ତଥା ଭାରତର ସର୍ବକନିଷ୍ଠ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୬ତମ ଜନ୍ମ ଜିଲ୍ଲା ସଭାପତି ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଦଳୀୟ ନେତା , କର୍ମୀ ଓ ସଦସ୍ୟମାନେ ଯୋଗ ଦେଇ ସ୍ୱର୍ଗତଃ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ନବ ଭାରତର ନିର୍ମାତା ତଥା ଦେଶର ସର୍ବକନିଷ୍ଠ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିବା ଅବସରରେ ୨୦୦୮ରୁ ତାଙ୍କର ଜନ୍ମ ଦିବସକୁ ସଦଭାବନା ଦିବସ ଭାବେ ଭାରତରେ ପାଳନ କରାଯାଇ ଆସୁଛି । ସ୍ୱର୍ଗତ ଗାନ୍ଧୀ ୧୯୪୪ ଅଗଷ୍ଟ ୨୦ରେ ମୁମ୍ବାଇଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ୧୯୮୪ରେ ପ୍ରଧାନମନ୍ତ୍ରୀ ଇନ୍ଦୀରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ଭାରତର ପ୍ରଧାନମନ୍ତ୍ରୀ ଭାବେ ମାତ୍ର ୪୦ ବର୍ଷ ବୟସରେ ଶପଥ ନେଇଥିଲେ । ୧୯୮୪ ଅକ୍ଟୋବର ୩୧ରୁ ୧୯୮୯ ଡ଼ିସେମ୍ବର ୨ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଆସିଥିବା ସମୟରେ ୧୯୯୧ ମେ ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ତାଙ୍କର ମୃତ୍ୟୁ ନିଧନ ହୋଇଥିଲା । ଏହି ସମୟରେ ଭାରତରେ ନବ ଯୁଗର ଅୟ ଆରମ୍ଭ ହୋଇଥିଲା । ତାଙ୍କର ବଳିଷ୍ଠ ନେତୃତ୍ୱ ଓ ସୁଦୂର ପ୍ରସାରୀ ନୀତି ଯୋଗୁଁ ସୂଚନା , ବୈଷୟିକ, ବିଜ୍ଞାନ, ୧୮ ବର୍ଷର ଯୁବକମାନଙ୍କୁ ଭୋଟ ଦାନର ଅଧିକାର, ପଂଚାୟତି ରାଜ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା । ନବ ଭାରତର ନିର୍ମାଣରେ ସ୍ୱର୍ଗତ ଗାନ୍ଧୀଙ୍କ ଅବଦାନ ଚିର ସ୍ମରଣୀୟ ବୋଲି ସ୍ମୃତି ଚାରଣ ସଭାରେ ବକ୍ତାମାନେ ମତ ପୋଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଅଶୋକ ଅଧିକାରୀ, ପ୍ରଦୀପ ମିଶ୍ର, ଅରବିନ୍ଦ ଦାସ, ଦଶରଥ ସିଂ, ଦୀପକ ଦାସ, ତପନ ସାହୁ, ମହିଳା ମୋର୍ଚ୍ଚା ନେତ୍ରୀ ସସ୍ମିତା ଘୋଷାଲ, ରଶ୍ମୀତା ମିଶ୍ର, ଶୁଭସ୍ମିତା ବେହେରା, ଇତିଶ୍ରୀ ମିଶ୍ର, ନିର୍ମଳ ପ୍ରଧାନ ଯୋଗ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା କୋଭିଡ଼-୧୯ ସଂଯୋଜକ ଶାନ୍ତନୁ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୁବନରେ ସାର୍ବଜନିନ ଗଣେଶ ପୂଜା ଉପରେ ପ୍ରଶାସନର ଅଙ୍କୁଶ

ଭୁବନ,୨୧।୮ (ନି.ପ୍ର): ଚଳିତ ବର୍ଷ ଭୁବନରେ ସାର୍ବଜନିନ ଗଣେଶ ପୂଜା ହୋଇପାରିବ ନାହିଁ । ଏଥିପାଇଁ ପ୍ରଶାସନ ତରଫରୁ ଅଙ୍କୁଶ ଲଗାଯାଇଛି । ଢେଙ୍କାନାଳ ଜିଲ୍ଲାରେ ଆଜି ସୁଦ୍ଧା ୧୦୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୬୭୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଓ ୩୫୧ ଜଣ ଚିକିତ୍ସିତ ହେଉଛନ୍ତି । ଭୁବନ ଏନଏସିରେ ୩୦୦ ରୁ ଉର୍ଦ୍ଧ୍ୱ କରୋନା ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହେବା ସହ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଭୁବନରେ ଦ୍ୱିତୀୟ ଦଶହରାର ମାନ୍ୟତା ପାଇଥିବା ଗଣେଶ ପୂଜାକୁ ଚଳିତ ଥର ବନ୍ଦ କରିବାକୁ ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ଚିଠି ନଂ- ୭୪୦୦ ରେ ନିର୍ଦ୍ଦେଶ ଦେଇଛନ୍ତି । କୌଣସି କ୍ଲବ,ସାଂସ୍କୃତିକ ଅନୁଷ୍ଠାନ ଖୋଲା ସ୍ଥାନ କିମ୍ବା ପେଣ୍ଡାଲରେ ଗଣେଶ ପୂଜା ନକରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂପର୍କରେ ଭୁବନ ଥାନା ତରଫରୁ ଏଏସଆଇ ପ୍ରଭାତ କୁମାର ନାୟକ ନିଜେ ମାଇକ ଯୋଗେ ଆଜି ସହର ସାରା ବୁଲି ବୁଲି ପ୍ରଚାର କରୁଥିଲେ । ପ୍ରକାଶଯୋଗ୍ୟ ଯେ,୨୦୦୦ ମସିହା ଠାରୁ ଭୁବନ ଏନଏସିରେ ପ୍ରତିବର୍ଷ ମାଟ୍ରିକ ପାସ ଆଉଟ ଛାତ୍ର ମାନେ ଏକ କ୍ଲବ ଗଠନ କରି ଧୁମଧାମ୍ ରେ ଗଣେଶ ପୂଜା ପାଳନ କରିବା ସହ ଗଣେଶ ମେଳଣ କରି ଆସୁଛନ୍ତି । ଗଣେଶ ମେଢ ସଂଖ୍ୟା ୩୦ ରୁ ଅଧିକ ରେ ପହଁଚିଛି । ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ପରେ ଯୁବ ଗୋଷ୍ଠୀଙ୍କ ମନ ଫିକା ପଡିଯାଇଥିବା ବେଳେ ବୁଦ୍ଧିଜୀବୀ ମହଲ ସ୍ୱାଗତ କରିଛନ୍ତି ।

ନୂତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ନିଯୁକ୍ତି ଏବଂ ସଦ୍‌ଭାବନା ଦିବସ ପାଳନ ଉପଲକ୍ଷେ ବୃକ୍ଷ ରୋପଣ

ବାରିପଦା,୨୧।୮ (ନି.ପ୍ର): ରାଜ୍ୟ ଯୁବ କଂଗ୍ରେସକୁ ସୁଦୃଢ କରିବା ପାଇଁ ରାଜ୍ୟ ଯୁବ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ନେଇଥିବା ଡଃ. ସ୍ମୃତି ରଞ୍ଜନ ଲେଙ୍କା ଜିଲ୍ଲା କଂଗ୍ରେସ କମିଟିକୁ ପର୍ନଗଠନ କରି ୧୧ ଜଣ ନୂତନ ଜିଲ୍ଲା ଯୁବ କଂଗ୍ରେସ ସଭାପତିଙ୍କୁ ନିଯୁକ୍ତି ଦେଇଛନ୍ତି । ଗତ ଅଗଷ୍ଟ ୧୯ ବୁଧବାର ରାଜ୍ୟ ଯୁବ କଂଗ୍ରେସ ଦ୍ୱାରା ପ୍ରକାଶ ପାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ମିଳିଥିବା ସୂଚନା ଅନୁଯାଇ ଓଡିଶାର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜରେ ମେଡିକାଲ କଲେଜ ହେଉ କି ଶିକ୍ଷା କ୍ଷେତ୍ରରେ ହେଉ, ରକ୍ତଦାନ ହେଉ କି ମଦ ବିରୋଧି ଅଭିଯାନ ହେଉ ସବୁ କ୍ଷେତ୍ରରେ ଜିଲ୍ଲାର ଉନ୍ନତି ପାଇଁ ଲଢୁଥିବା ଜିଲ୍ଲାର ଅନ୍ୟତମ ଟାଣୁଆ ସଂଗ୍ରାମୀ ଯୁବ ନେତା ଅଂଶୁମାନ ଦାସଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଏଥି ନିମନ୍ତେ ଅଂଶୁମାନ ସର୍ବ ପ୍ରଥମେ ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ରାକେଶ ସିଂଙ୍କୁ ଧନ୍ୟବାଦ ଜଣାଇବା ସହିତ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ କୁମାର ରଥ, ପି.ସି.ସି. ମେମ୍ବର କବୀର ଦାସ, ପୂର୍ବତନ ଜିଲ୍ଲା ଯୁବ ସଭାପତି ନିରୋଜ ଲୋଚନ ଦାଶ, ପୂର୍ବତନ ଜିଲ୍ଲା ଯୁବ ସଭାପତି ପ୍ରଭାସ କର ମହାପାତ୍ର, ଜିଲ୍ଲା ମଜଦୁର କଂଗ୍ରେସ ସଭାପତି ଭୁବନ କୁମାର ସାହୁ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ସସ୍ମିତା ଘୋଷାଲ, ଜ୍ୟୋତିପ୍ରକାଶ ରଥ, ପୁରୁଖା କଂଗ୍ରେସ ନେତା ପ୍ରଦୀପ ମିଶ୍ର, ବିଜୟ ସିଂ, ଓ ଉତମ ବେହେରା, ବଡସାହି ନିର୍ବାଚନ ମଣ୍ଡଳୀର ଟାଣୁଆ ନେତା ପ୍ରକାଶ କର ମହାପାତ୍ରଙ୍କୁ ଧନ୍ୟବାଦ ଦେବା ସହ ତାଙ୍କୁ ଦିଆଯାଇଥିବା ଗୁରୁ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବେ ବୋଲି ମତବକ୍ତ କରିଛନ୍ତି। ଜିଲ୍ଲାର ଏହି ଆଗ ଧାଡିର ଯୁବ ନେତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ବେଳେ ଜିଲ୍ଲା ଯୁବ କଂଗ୍ରେସରେ ନୂତନ ଉତ୍ସାହ ପରିଲକ୍ଷିତ ହୋଇଛି । ଏହି ଅବସରରେ ନୂତନ ଭାବେ ନିଯୁକ୍ତି ପାଇଥିବା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅଂଶୁମାନ ଦାସଙ୍କ ନେତୃତ୍ୱରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବାରିପଦା ନିର୍ବାଚନ ମଣ୍ଡଳୀର ବେତନା ପଂଚାୟତର ଦାମୋଦରପୁରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଶିଷ କୁମାର ବାରିକ, ଅର୍ଜିତ ମିଶ୍ର, ଛାଟିଆ ସିଂ, ଅଭିଷେକ ଯାଦବ, ପ୍ରେମ ପ୍ରଧାନ, ଶୁକଦେବ ଗିରି ଓ ରଞ୍ଜିତ କୁମାର ଦାସ ଏବଂ ବହୁ କର୍ମକର୍ତା ଯୋଗ ଦେଇଥିଲେ ।

ରାୟଗଡ଼ା ଜିଲ୍ଲାରେ ଆଜି ପୁଣି ୧୫୪ଚିହ୍ନଟ ଓ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୮୧୬ ଛୁଇଁଲା

ରାୟଗଡ଼ା,୨୧।୮ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ କରୋନା ତାର କାୟା ହୁ ହୁ ହୋଇ ବିସ୍ତାର କରିବାରେ ଲାଗିଛି । ଆଜି ଚିହ୍ନଟ ହୋଇଥିବା ୧୫୪ ଆକ୍ରାନ୍ତଙ୍କ ମଧ୍ୟରୁ ୯୮ ଜଣ ପୁରୁଷ ଥିବାବେଳେ ୫୬ ଜଣ ମହିଳା ଅଛନ୍ତି । ସମସ୍ତ ଆକ୍ରାନ୍ତ ଘରୋଇ ସଙ୍ଗରୋଧରୁ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣ ପଡ଼ୋଶୀ ରାଜ୍ୟରୁ ଆସିଥିବ ସୂଚନା ମିଳିଛି । ଏଥିସହିତ ୫ ଜଣ କରୋନା ଯୋଦ୍ଧା ଆକ୍ରାନ୍ତ ହୋଇଛନ୍ତି । ରାୟଗଡ଼ା ପୌରାଞ୍ଚଳରୁ ୨୨, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୫, ଗୁଣପୁର ପୌରାଞ୍ଚଳରେ ୫ ଏବଂ ଗଣପୁର ଗ୍ରାମାଞ୍ଚଳରୁ ୧୦, କଲ୍ୟାଣସିଂହପୁରରୁ ୧, ଚନ୍ଦ୍ରପୁରରୁ ୩୪, ଗୁଡ଼ାରୀରୁ ୨୩, ପଦ୍ମପୁରରୁ ୧୪, ରାମନଗୁଡ଼ାରୁ ୯ ଏବଂ କାଶିପୁରରୁ ୨୧ ଜଣ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସର୍ବମୋଟ୍ ୨୮୧୬ରେ ପହଞ୍ଚି ସାରିଛି । ଏବଂ ୧୪୮୯ ଜଣ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି ଏବଂ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୭ରେ ପହଞ୍ଚିଛି । ୧୩୧୦ ଜଣ ଜିଲ୍ଲାରେ ଥିବା ବିଭିନ୍ନ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିବା ସହ ଘଷରାଇ ସଙ୍ଗରୋଧରେ ମଧ୍ୟ ରହି ଚିକିତ୍ସିତ ହେଉଛନ୍ତି ।

ସେଣ୍ଟତୀରାରେ ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ, ୨୧/୮(ହି.ସ.)- ବନ୍ତ ବ୍ଲକ ସେଣ୍ଟତୀରା ବଜାର ଠାରେ ଡାକ୍ତର, ସାମ୍ବାଦିକ, ସ୍ୱାସ୍ଥ୍ୟ କର୍ମଚାରୀ, ସେବିକା, ଅଙ୍ଗନୱାଡି ଓ ଆଶା କର୍ମୀ ମାନଙ୍କୁ ସେବା ଓ ତ୍ୟାଗ ପାଇଁ ବିଜେପି ପକ୍ଷରୁ ଉ ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ବଦ୍ରୀ ନାରାୟଣ ଧଳ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଶଙ୍କର୍ଷଣ ଜେନା, ବିଜେପି ରାଜ୍ୟ ପରିଷଦ ସଭ୍ୟ ବନମାଳୀ ଜେନା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତପନ ବାରିକ, ସେଣ୍ଟତୀରା ଶକ୍ତି କେନ୍ଦ୍ର ପ୍ରମୁଖ କିଶୋର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ବାମନ ପେଡା, ରୋହିତ କୁମାର ଜେନା, ନିରଞ୍ଜନ ଜେନା, ପୀତବାସ ପଣ୍ଡା, ତାପସ ଖଣ୍ଡାଇ, ଟୁଟୁ ଜେନା, ସମାଜସେବୀ ଦେବେନ୍ଦ୍ର ଜେନା, ପୁଷ୍ପଲତା ବେହେରା, ଅଜୟ ଜେନା, ଅମ୍ଳାନ ସେନାପତି, ଲରେନ୍ସ ବେହେରା, ସୁବ୍ରତ ସେନାପତି, ଅନିରୁଦ୍ଧ ପାଢୀ ଯୋଗ ଦେଇଥିଲେ । ଏହି ଅବସରରେ ଡାକ୍ତର ନିରଞ୍ଜନ ଓଝା, ସେବିକା ଅନିତା ସେନାପତି, ସ୍ୱାସ୍ଥ୍ୟ ସୁପର

ହିମାଚଳ ପ୍ରଦେଶର ତୀର୍ଥନ୍ ଘାଟି

ତୀର୍ଥନ୍ ଘାଟି ହିମାଚଳପ୍ରଦେଶର ସବୁଠୁ ସୁନ୍ଦର ଘାଟିମଧ୍ୟରୁ ଅନ୍ୟତମ । ବର୍ଷସାରା ଘାଟିର ପାଣିପାଗ ଅତ୍ୟନ୍ତ ଲୋଭନୀୟ ରହିଥାଏ । ଭ୍ରମଣର କ୍ଲାନ୍ତି ଦୂରେଇବାରେ ଏହି ଘାଟି ନିଜ ଭିତରେ ଅନେକ କିଛି ସାଇତି ରଖିଛି ।

ତୀର୍ଥନ୍ ଘାଟି ହିମାଚଳପ୍ରଦେଶର ସବୁଠୁ ସୁନ୍ଦର ଘାଟିମଧ୍ୟରୁ ଅନ୍ୟତମ । ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଅନେକ ପର୍ଯ୍ୟଟନସ୍ଥଳିକୁ ନିଜ ଭିତରେ ସାଇତିରଖିଛି । ତୀର୍ଥନ୍ ଘାଟିକୁ ଅନେକ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହୋଇ ଆସିଥାନ୍ତି । ହିମାଳୟ ନ୍ୟାସନାଲ ପାର୍କଠାରୁ ଘାଟିଟି ପ୍ରାୟ ୩କିମି ଦୂରରେ ଅବସ୍ଥିତ । ତୀର୍ଥନ୍ ଘାଟି ଆଡଭେଞ୍ଚର ପାଇଁ କୌଣସି ସ୍ୱର୍ଗଠୁ କମ ନୁହେଁ । ହିମାଳୟ ଶୃଙ୍ଖଳା ସମ୍ପୂର୍ଣ୍ଣ ବରଫରେ ଢ଼ାଙ୍କି ରହୁଥିବାବେଳେ ତୀର୍ଥନ୍ ଘାଟି ଟ୍ରାଉଟ ପାଇଁ ପ୍ରସିଦ୍ଧ । ପ୍ରତିବର୍ଷ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥାଏ ପଛକେ କମିବାର ନାଁ ନିଏନାହିଁ । ଏଠାରେ ବିଦେଶୀ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ସବୁବେଳେ ଲାଗିରହିଥାଏ ।

ଘାଟିର ଆଖପାଖରେ ଖୁବ୍‌ତ ସୁନ୍ଦର ଗାଁମାନ ଗଢ଼ିଉଠିଛି । ଏଠାରେ ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ନିଆରା ପରିଚୟ ଅନୁଭବ କରିପାରିବେ । ବର୍ଷସାରା ଘାଟିର ପାଣିପାଗ ଅତ୍ୟନ୍ତ ଲୋଭନୀୟ ରହିଥାଏ । ଏଠାକାର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କ ମନମୋହିନି, । ତୀର୍ଥନ୍ ଘାଟି ଆସିବାରେ ସଠିକ୍ ସମୟ ଖରାଦିନ ଏବଂ ଶୀତଦିନ ପ୍ରାରମ୍ଭ । ଏହି କ୍ଷେତ୍ରକୁ ଆସିବାକୁ ଏମିତିରେ କିନ୍ତୁ ତିନୋଟି ଋତୁ ବେଶ ମନଛୁଆଁ ରହିଥାଏ । ପ୍ରଥମତଃ ଏପ୍ରିଲରୁ ଜୁନ୍ । ଏ ସମୟରେ ତୀର୍ଥନ୍ ଘାଟିର ପଆକୃତିକ ସୌନ୍ଦର୍ଯ୍ୟ ଏବଂ ପରିବେଶ ଅତ୍ୟନ୍ତ ଆକର୍ଷଣୀୟ ଥାଏ । ଖାରାରୁ ରକ୍ଷା ପାଇବାକୁ ଏହି ପରିବେଶ ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ କୌଣସି ଅବହେଳା କରିନଥାଏ । ପୂରା କ୍ଷେତ୍ର ବୃକ୍ଷଲତାରେ ପରିପୂର୍ଣ୍ଣ ଥାଏ । ଏହାର ତାଜା ପବନ ଶରୀରକୁ ସ୍ପର୍ଶ କରି ଦେହମନରେ ଶିହରଣ ସୃଷ୍ଟିଦିଏ । ଏହାସହ ଘାଟିରେ ଥିବା ସୁଗନ୍ଧିତ ରଙ୍ଗୀନ ପୁଷ୍ପ ମନକୁ ରୋମାଞ୍ଚିତ କରିଦିଏ । ଦ୍ୱିତୀୟରେ ନଭେମ୍ବରରୁ ଫେବୃଆରୀ । ଏ ସମୟରେ ତୀର୍ଥନ୍ ଘାଟି ଚତୁଃପାର୍ଶ୍ୱ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ପସନ୍ଦ ଆସିଥାଏ । ସମସ୍ତ ବୃକ୍ଷଲତା ଉପରେ ବରଫ ଜମା ହୋଇଯାଇଥାଏ । ରାସ୍ତାରେ ଯିବାବେଳେ ଲାଗେ ସେତେଯେମିତି



କେହି ଜଣେ ବରଫ ଚାଦର ବିଛାଇ ଆପଣଙ୍କ ସ୍ୱାଗତ ପାଇଁ ଅପେକ୍ଷା କରିରହିଛି । ତୃତୀୟରେ ମାର୍ଚ୍ଚରୁ ଏପ୍ରିଲ । ଏସମୟରେ ଘାଟି ସବୁଠୁ ଅଧିକ ସୁନ୍ଦର ଲାଗେ । କାରଣ ଚାରିଆଡ଼େ ଥିବା ଖୋଲା ପଡ଼ିଆ ସବୁ ଘାସରେ ପରିପୂର୍ଣ୍ଣ ହୋଇଯାଇଥାଏ । ଫଳ ଫୁଲରେ ବଗିଚା ଭରିଯାଇଥାଏ । ଏ ଦୃଶ୍ୟ ମନକୁ ମନ୍ତ୍ରମୁଗ୍ଧ କରିଦିଏ । ଛୁଟି କାଟିବାକୁ ବୋଧହୁଏ ଏହାଠୁ ଭଲ ସ୍ଥାନ ଅନ୍ୟ କେଉଁଠି ପାଇବେ ନାହିଁ । ତୀର୍ଥନ୍ ଘାଟି ଆଖପାଖରେ ଖୁବ୍ ସୁନ୍ଦର ଦର୍ଶନୀୟ ସ୍ଥାନ ରହିଛି । ପଶ୍ଚିମ ହିମାଳୟର ପାଇନ ଜଙ୍ଗଲ ନିକଟରେ ସୁନ୍ଦର ରିସୋର୍ଟ ଏବଂ ଟ୍ରିହାଉସ ରହିଛି । ଏହା ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷିତ କରିନେବ । ଏହାଛଡ଼ା ପାଖରେ ଥିବା ଗାଁ ଗୁଡ଼ିକର ଭ୍ରମଣ କରି ପ୍ରାକୃତିକ ସୌନ୍ଦର୍ଯ୍ୟ, ଏଠାକାର ସଂସ୍କୃତି ଏବଂ ସେମାନଙ୍କ

ଜୀବନଶୈଳୀ ବିଷୟରେ ଜାଣିପାରିବେ । ଏହାଛଡ଼ା ବରଫ ଢ଼ଙ୍କା ବର୍ପତରେ କିଛି ସମୟ ବିତାଇପାରିବେ ଘନ ଜଙ୍ଗଲ ଏବହ ଆଲପାଇନ ମଇଦାରେ ଆପଣ ରଙ୍ଗୀନ୍ ଏବଂ ବିଦେଶାଗତ ପକ୍ଷୀଙ୍କ ସମୟ ସମୟ ବିତାଇପାରିବେ । କ୍ଷେତ୍ରର ସବୁଠୁ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଗୋଟିଏ ହେଉଛି ସେରୋଲ୍ସର ହ୍ରଦ । ଜାଲୋରୀଠାରୁ ପ୍ରାୟ ୫କିମି ଦୂରରେ ଏହା ଅବସ୍ଥିତ । ହ୍ରଦଟି ଖୁବ୍ ଛୋଟ କିନ୍ତୁ ଏଠାର ସୌନ୍ଦର୍ଯ୍ୟ ବେଶ୍ ମନୋଲୋଭା । ସ୍ଥାନଟି ବୁଢ଼ୀ ନାଗୁଣୀଙ୍କୁ ସମର୍ପିତ । କୁହାଯାଏ ବୁଢ଼ୀ ନାଗୁଣୀ ଏହି କ୍ଷେତ୍ରରେ ଘେରିରହିଛନ୍ତି ।

ତୀର୍ଥନ୍ ଘାଟି ନିକଟରେ ଥିବା ପରାଶନ ହ୍ରଦର ସୌନ୍ଦର୍ଯ୍ୟ ଖୁବ୍ ମନଛୁଆଁ । ଏହାକୁ ବେଶ୍ ପବିତ୍ର ବୋଲି ବିଶ୍ୱାସ କରନ୍ତି ସ୍ଥାନୀୟ ବାସିନ୍ଦା । ହ୍ରଦ ଆଖପାଖରେ ଅନେକ ଐତିହାସିକ ମନ୍ଦିର ରହିଛି । ଚତୁର୍ଦ୍ଦଶ ଶତାବ୍ଦୀରେ ଏଗୁଡ଼ିକ ନିର୍ମାଣ କରାଯାଇଥିଲା । ଏଠାରେ ଭୃଗୁ ଋଷିଙ୍କ ମନ୍ଦିର ମଧ୍ୟ ଦର୍ଶନ କରିପାରିବେ । ୧୫୦୦ ବର୍ଷ ପୁରୁଣା ଦୁର୍ଗ ଛେହନୀ କୋଟି କାଠ ବିମ ଏବଂ ପଥର ସ୍ତମ୍ଭରେ ତିଆରି । କୁଲ୍ଲୁର ରାଜା ରାଣୀ ଧାଧିୟା ଏହି ମହଲରେ ରହୁଥିଲେ । ୧୯୦୫ ରେ ଆସିଥିବା ଭୂକମ୍ପ ଯୋଗୁ ଏହାର ଉପର ପାଞ୍ଚ ମହଲା ଭାଙ୍ଗିରୁଜି ଚୁରମାର ହୋଇଯାଇଛି । ତଥାପି ଦୁର୍ଗ ନିଜର ଆକର୍ଷଣ ହରାଇନାହିଁ । ହିମାଳୟ କ୍ଷେତଦ୍ରରେ ଏହା ସବୁଠୁ ଉଚ୍ଚ ସଂରଚନା ।

କେମିତି ଯିବେ

ଦିଲ୍ଲୀ ଭଳି ସହର ସହ ତୀର୍ଥନ୍ ଘାଟି ସଡ଼କମାର୍ଗରେ ସହଜରେ ସଂଯୁକ୍ତ । ଏଠାରେ ପହଞ୍ଚିବା ପରେ ବସ୍ କିମ୍ବା ଟ୍ରେନରେ ଯାଇପାରିବେ । ଏହାଛଡ଼ା ଭୁନ୍ତାର ବିମାନବନ୍ଦର ତୀର୍ଥାନ୍ ଘାଟିଠୁ ଖୁବ ନିକଟ । ଚାର୍ଟର ଏୟାରଲାଇନ୍ସ ଦ୍ୱାରା ଦିଲ୍ଲୀରୁ ହେଲିକ୍‌ପ୍‌ଟର ସୁବିଧା ମଧ୍ୟ ଦିଆଯାଇଛି । ଆଖପାଖ ସ୍ଥାନ ଭ୍ରମଣ ପାଇଁ ଚଣ୍ଡୀଗଢ଼ରୁ ବିମାନରେ ଯାଇପାରିବେ । ତୀର୍ଥନ ଘାଟିରୁ ଅମ୍ବାଲା ଏବଂ କିରତପୁର ରେଳଷ୍ଟେଦନ ଅତି ନିକଟ ।

ବିପଜ୍ଜନକ ମାରାଥନ

ମାରାଥନ୍ ଅଫ୍ ଦି ସ୍ୟାଣ୍ଡସ୍ । ରୁକ୍ଷଶୁଷ୍କ ସାହାରା ମରୁଭୂମି, ମୁଣ୍ଡଫଟା ଖରା ମଝିରେ ଦୌଡ଼ । ମରକ୍କୋର ସାହାରା ମରୁଭୂମିରେ ଏଇ ରେସର ଭାବନା ପ୍ରଥମେ ୧୯୮୬ ମସିହାରେ ଫ୍ରାନ୍ସର ପ୍ୟାଟ୍ରିକ୍ ବାଉଚର ନାମକ ଜଣେ ବ୍ୟକ୍ତିଙ୍କ ମୁଣ୍ଡକୁ ଆସିଥିଲା । ସେ ଏହି ମରୁଭୂମିରେ ୧୨ଦିନ ଧରି ଧୌଡ଼ିଥିଲେ ପ୍ରାୟ ୩୫୦ କିଲୋମିଟର । ପରେ ସେ ଚିନ୍ତା କଲେ ଏହାକୁ ମାରାଥନର ରୂପ ଦେବା ପାଇଁ । ପ୍ରାଥମିକ ପର୍ଯ୍ୟାୟରେ ୨୩ ଜଣ ଆଥଲେଟ୍ ଏହି ରେସରେ ଅଂଶଗ୍ରହଣ କରିଥିଲେ । ପ୍ରତି ବର୍ଷ ୩୦ଟି ଦେଶର ପ୍ରାୟ ୮୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରନ୍ତି ଏହି ରେସରେ ଯେଉଁଥିରେ ପ୍ରାୟ ୨୫୧ କିମି ପଥ ଅତିକ୍ରମ କରିବାକୁ ହୋଇଥାଏ । ଏହି ରେସର ଭୟାବହତା ନେଇ ତିଆରି ହୋଇଛି ସିନେମା । ଏଇ ମାରାଥନରେ ରହିଛି ଛଅଟି ପର୍ଯ୍ୟାୟ । ମାରାତ୍ମକ ଖରା ଏବଂ ବାଲି ମଝିରେ ଅଂଶଗ୍ରହଣକାରୀ ମାନଙ୍କୁ ନିଜ ନିଜର ପ୍ରୟୋଜନୀୟ ସାମଗ୍ରୀ ନିଜକୁ ହିଁ ରଖିବାକୁ ହେବ । ସାଙ୍ଗରେ ଅତି କମରେ ୧୪ ହଜାର କ୍ୟାଲୋରୀ ଖାଦ୍ୟ ନେବାକୁ ହୋଇଥାଏ । ନିଜ ପୋଷାକ, ଷ୍ଟୋଭ, ସ୍ଲିପିଙ୍ଗ ବ୍ୟାଗ ଓ ସରଭାଇଭାଲ କିଟ୍ ସାଙ୍ଗରେ ରଖିବାକୁ ପଡ଼ିଥାଏ । ସଂସ୍ଥା ତରଫରୁ ମାତ୍ର ୧୦ରୁ ୧୨ ଲିଟର ପାଣି ଦିଆଯାଇଥାଏ ଅଂଶଗ୍ରହଣକାରୀମାନଙ୍କୁ । ପ୍ରତି ବର୍ଷ ବଦଳିଯାଇଥାଏ ।

ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନରେ ପାପ ମୋଚନ

ପରସ୍ପର ପ୍ରତି ଶ୍ରଦ୍ଧା ରଖି ଦେବାଧିଦେବ ମହାଦେବଙ୍କୁ ବିଶ୍ୱାସ କରି, ହୃଦୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ ପୂର୍ବକ ସତ୍ୟ, ଶାନ୍ତି, ଧର୍ମ, ପ୍ରେମ, ନ୍ୟାୟ ମାର୍ଗରେ କାର୍ଯ୍ୟ କଲେ ସର୍ବଦା ଆନନ୍ଦ ମିଳେ । କାରଣ 'ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବିଶ୍ୱାସ ରୂପିଣୌ' । ମାତା ପାର୍ବତୀ ହେଲେ ଶ୍ରଦ୍ଧାର ପ୍ରତୀକ ଏବଂ ଦେବାଧିଦେବ ମହାଦେବ ହେଲେ ବିଶ୍ୱାସର ପ୍ରତୀକ ।

♦ସେ ହୁଏ ପରମ ସୁଖୀ, ଯିଏ ସର୍ବଦା ମହାଦେବଙ୍କ ନାମକୁ ସ୍ମରଣ କରେ । ଯେଉଁ ଘରେ ସର୍ବଦା ମହାଦେବଙ୍କ ପୂଜାର୍ଚ୍ଚନା କରାଯାଏ, ସେ ଘରେ ସମସ୍ତଙ୍କର ମଙ୍ଗଳ ହୁଏ ।

♦ଯାହାର ଜୀବନ ପ୍ରତି ମୁହୂର୍ତ୍ତରେ ମହାଦେବଙ୍କ ନାମ ଜପ ବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ନାମ ଜପରେ କଟିଥାଏ ସେ ହିଁ ଧନ୍ୟ, ଦେହାନ୍ତେ ସେ କୈଳାସପୁରରେ ସ୍ଥାନ ପାଏ । ଯିଏ ଭକ୍ତିର ସହିତ ଦେବାଧିଦେବ ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ କରେ, ଭଗବାନ ମହାଦେବ ତା ପ୍ରତି କୃପା କରନ୍ତି । ଫଳରେ ତାର ସମସ୍ତ କାମନା ପୂର୍ଣ୍ଣ ହୁଏ । କାରଣ ଭଗବାନଙ୍କ ସବୁ ଶକ୍ତି ମଧ୍ୟରେ କୃପାଶକ୍ତି ପ୍ରଧାନ ଅଟେ । ଯେଉଁଠାରେ ତାଙ୍କର କୃପାଶକ୍ତି ଚରିତାର୍ଥ ହୁଏ, ସେଠାରେ ତାଙ୍କ ଅନ୍ୟ ସବୁ ଶକ୍ତି କୃପା ଶକ୍ତିର ଅନୁଗତ ହୋଇ କାର୍ଯ୍ୟ କରନ୍ତି ।

♦ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ପରେ ମନୁଷ୍ୟକୁ ପ୍ରକୃତ ଜ୍ଞାନ ପ୍ରାପ୍ତ ହୋଇଥାଏ । ଯେପରି ଗୋମାତା ସେବା ସମାନ କୌଣସି ସେବା ନାହିଁ, ଗଙ୍ଗା ସମାନ କୌଣସି ପବିତ୍ର ନାହିଁ, ଗାୟତ୍ରୀ ସମାନ କୌଣସି ମନ୍ତ୍ର ନାହିଁ, ଈଶ୍ୱର ସମାନ କୌଣସି ଦେବତା ନାହିଁ, ପାର୍ବତୀ ସମାନ କୌଣସି ଦେବୀ ନାହିଁ, ସେହିପରି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମାନ କୌଣସି କ୍ଷେତ୍ର ନାହିଁ ।

♦ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ବା ସ୍ତୋତ୍ର ଜପକଲେ ଆୟୁ, ବଳ, ବୀର୍ଯ୍ୟ, ବୁଦ୍ଧି ଓ ଚେତନାର ପରିପ୍ରକାଶ ହୁଏ ।

♦ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରଦକ୍ଷିଣ କଲେ ମନୁଷ୍ୟ ମୃତ୍ୟୁପରେ ଶିବଲୋକରେ ସ୍ଥାନ ପାଏ । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କଥା ଶ୍ରବଣ କଲେ ସମସ୍ତ ପାପ ମୋଚନ ହୁଏ ।

♦ ମହାଦେବ ମାତା ପାର୍ବତୀଙ୍କ ସହିତ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ବିରାଜମାନ କରିଥାନ୍ତି । ଉକ୍ତ ଜ୍ୟୋତିର୍ଲିଙ୍ଗ ଯିଏ ଦର୍ଶନ କରେ, ସେ ସାକ୍ଷାତ ମହାଦେବ ଓ ପାର୍ବତୀଙ୍କ ଦର୍ଶନର ଫଳପାଏ ।

♦ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗକୁ ଯିଏ ଦର୍ଶନ କରେ ସେ ମହାନ ଓ ପବିତ୍ର । ଏଣୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ର ସବୁଠାରୁ ଉତ୍ତମ ଓ ପବିତ୍ର କ୍ଷେତ୍ର ।

♦ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କଲେ ଅନ୍ୟ କୌଣସି କ୍ଷେତ୍ର ଭ୍ରମଣରେ ଆବଶ୍ୟକତା ନାହିଁ । କାରଣ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ଫଳ ସର୍ବ ତୀର୍ଥକ୍ଷେତ୍ର ଦର୍ଶନର ଫଳଠାରୁ ଅଧିକ ।

ଏକ ଖାଦ୍ୟ ବିଶେଷଜ୍ଞ ଦଳ କାନାଡ଼ାରେ ବିଭିନ୍ନ ବର୍ଗର ଲୋକଙ୍କ ଉପରେ ପରୀକ୍ଷା କରି ପ୍ରଚାର କରୁଛନ୍ତି ଯେ ସପ୍ତାହକୁ ଅନ୍ତତଃ ଥରୁଟିଏ ପିଜ୍ଜା ଖାଇବା ଭଲ । ୧୦ହଜାରରୁ ଉର୍ଦ୍ଧ୍ୱ ଲୋକେ ଭାଗ ନେଇଥିବା ଏହି ଗବେଷଣାରୁ ଜଣାପଡ଼ିଛି ଯେ ପିଜ୍ଜା ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ ରହିଛି । ପିଜ୍ଜା ପାଇଁ ସବୁଠୁ ଲୋକପ୍ରିୟ ଇଟାଲୀର ବାସିନ୍ଦାମାନେ ପ୍ରାୟତଃ ପିଜ୍ଜା ଖାଇ ସେମାନଙ୍କ ମତ ମଧ୍ୟ ଏ ବାବଦରେ ପପ୍ରକାଶ କରିଛନ୍ତି । ବିଶେଷଜ୍ଞଙ୍କ ମତରେ ପିଜ୍ଜାରେ ସତେଜ ଟମାଟୋ ବ୍ୟବହୃତ ହୋଇଥାଏ । ସେଥିରେ ଲାଇକୋପିନ

ଥିବାରୁ ତାହା ଆଣ୍ଟି-ଅକ୍ସିଡାଣ୍ଟ ଭାବେ କାମ କରେ ଓ ଶରୀରରେ କର୍କଟ ପ୍ରତିରୋଧକ ଶକ୍ତି ବଢ଼ାଏ । ଗବେଷକମାନେ ସେହି କାରଣରୁ ପିଜ୍ଜା ଖାଇବାକୁ ପରାମର୍ଶ ଦେଇଛନ୍ତି ।

କଳା-ଗୋରା ପଛର କାରଣ

ମଣିଷ ଶରୀର ଗଠନ ପ୍ରାୟତଃ ଏକ ପ୍ରକାରର । ତେବେ ବିଭିନ୍ନ ଦେଶ, ଅଞ୍ଚଳରେ ଲୋକଙ୍କ ରଙ୍ଗରେ ପ୍ରଭେଦ ଦେଖାଦେଇଥାଏ । କିଏ ଗୋରା ତ କିଏ କାଳିଆ ଆଉ କିଏ ସାବନା । ଆଜି ଆମେ ଏହା ପଛରେ ଥିବା କାରଣ ସମ୍ପର୍କରେ ଅବଗତ କରାଇବାକୁ ଯାଉଛୁ ।

ମଣିଷର ତ୍ୱଚାରେ ଏକ ରଙ୍ଗୀନ ପଦାର୍ଥ ମହଜୁଦ ଥାଏ । ଏହି ରଙ୍ଗୀନ ପନଦାର୍ଥକୁ ପିଗମେଣ୍ଟ କୁହାଯାଏ । ଯେତେବେଳେ ସୂର୍ଯ୍ୟଙ୍କ ଅଲଟ୍ରା ଭାଓଲେଟ୍‌ରେ ଆମ ଶରୀର ଉପରେ ପଡ଼ିଥାଏ । ସେତେବେଳେ ଶରୀରରେ କଳାରଙ୍ଗ ଅଧିକ ଗଠନ ହୋଇଥାଏ । ଏହି ପ୍ରକ୍ରିୟାକୁ ମେଲାନିନ୍ କୁହାଯାଏ । ମେଲାନିନ୍ ମାତ୍ରା ଅଧିକ ହେବା ଦ୍ୱାରା ତ୍ୱଚାର ରଙ୍ଗ କଳା କିମ୍ବା ସାବନା ହୋଇଥାଏ । ଯେଉଁ ଲୋକମାନେ ଥଣ୍ଡା ସ୍ଥାନରେ ରହିଥାନ୍ତି ସେମାନଙ୍କ ଦେହରେ ସୂର୍ଯ୍ୟ ରଶ୍ମୀ କମମାତ୍ରାରେ ପୁଥିବାରୁ ମେଲାନିନ୍ ପ୍ରକ୍ରିୟା କମ ହୋଇଥାଏ । ଫଳରେ ଶରୀରର ତ୍ୱଚା ଗୋରା ହୋଇଥାଏ । ଉଦାହରଣ ସ୍ୱରୂପ ଆଫ୍ରିକାରେ ତାପମାତ୍ରା ଅଧିକ ରହିଥାଏ । ଏହି କାରଣରୁ ଏଠାକାର ଲୋକଙ୍କ ରଙ୍ଗ କଳା ହୋଇଥାଏ । ଭାରତରେ ଅନେକ ରାଜ୍ୟରେ ଗରମମାତ୍ରା ଅଧିକ ଥିବାରୁ ଲୋକଙ୍କ ରଙ୍ଗ କଳା ହୋଇଥାଏ । ପାଣିପାଗ ତଥା ଜଳବାୟୁ ପରିବର୍ତ୍ତନ ଶରୀରର ରଙ୍ଗ ଉପରେ ପ୍ରଭାବ ପକାଇଥାଏ କେରଳ, କର୍ଣ୍ଣାଟକରେ ଲୋକେ ଅଧିକାଂଶ କଳା ହୋଇଥିବା ବେଳେ କାଶ୍ମୀରରେ ଗୋରା ଲୋକଙ୍କ ସଂଖ୍ୟା ଅଧିକ । ତେବେ ଶରୀରର ରଙ୍ଗରେ ପାର୍ଥକ୍ୟ ଥିଲେ ମଧ୍ୟ ମାନବତାର କୌଣସି ରଙ୍ଗ ନାହିଁ । ହେଲେ ଆଜି ବି ଅନେକ ଦେଶରେ କଳାରଙ୍ଗର ଲୋକଙ୍କୁ ଭିନ୍ନ ଦୃଷ୍ଟିରେ

ଦେଖାଯାଇଥାଏ । ଯାହା ଆଦୌ ଗ୍ରହଣୀୟ ନୁହେଁ ।

ଆଇସକ୍ରିମର ଦାମ ୭୦ହଜାର ଟଙ୍କା

ଏକ ସ୍କୁପ୍ ହଟ୍ ଚକୋଲେଟ୍ ଆଇସକ୍ରିମର ଦାମ୍ କେତେ ହୋଇପାରେ ? ଅତି ବେଶିରେ ୫୦୦ କି ହଜାର ଟଙ୍କା । ଏତେ ବି ହୋଇ ନପାରେ । କିନ୍ତୁ ଏକ ସ୍କୁପ୍ ଆଇସକ୍ରିମର ଦାମ ୭୦ ହଜାର ଟଙ୍କା ହୋଇଥିବ ବୋଲି ବିଶ୍ୱାସ ହେଉଛି କି ? ନ୍ୟୁୟର୍କର ସେରେଣ୍ଡିପିଟି ନାମକ ଏକ ସଂସ୍ଥା ପ୍ରସ୍ତୁତ କରିଥିବା 'ଗୋଲ୍ଡେନ ଆପ୍ୟୁଲାନ୍ସ ସନଡିଉ' ଆଇସକ୍ରିମର ଦାମ ପ୍ରାୟ ୭୦ ହଜାର ଟଙ୍କା । କିନ୍ତୁ କାହିଁକି ଏତେ ଦାମ ? ଖାଇବାକୁ ଚାହିଁଲେ ଅର୍ଡର ଦେଇ ଖାଇବାକୁ ହେବ ଅନ୍ତତଃ ଦୁଇ ଦିନ ଆଗରୁ । ତିନି ସ୍କୁପର ଏହି ଚାହିତିଆନ୍ ଭାନିଲା ଆଇସକ୍ରିମର ବିଶେଷତ୍ୱ ଭିନ୍ନ । ଏଇ ଆଇସକ୍ରିମରେ ଥାଏ ଆଲମଣ୍ଡ କାଭିୟାର, ସୁଗାର ଫୋର୍ଡ ଅର୍କିଡ । ଏଇ ସୁଗାର ଫୋର୍ଡ ଅର୍କିଡ ତିଆରି କରିବାକୁ ଲାଗେ ଆଠ ଘଣ୍ଟା ତେବେ ଏହାର ବିଶେଷତ୍ୱ ଅନ୍ୟତ୍ର । ଏହି ଆଇସକ୍ରିମ ୨୩ କ୍ୟାରେଟ୍ ସୁନାର ଫଏଲ ଦେଇ ମୋଡ଼ା ହୋଇଥାଏ । ଆଇସକ୍ରିମଟି ପରିବେଷଣ କରାଯାଏ ଏକ କ୍ରିଷ୍ଟାଏ ଗବଲେଟ୍ ମଝିରେ ଯାହା ବି ୨୨ କ୍ୟାରେଟ୍ ସୁନା ଫଏଲରେ ଆଚ୍ଛାଦିତ । ପାଖରେ ଥାଏ ୧୮ କ୍ୟାରେଟ୍ ସୁନାର ଏକ ଚାମଚ । ଏହି ଆଇସକ୍ରିମ ପ୍ରସ୍ତୁତ କରିବା ପାଇଁ ସାମଗ୍ରୀ ସବୁ କେଉଁଠୁ ଆସେ ଜାଣନ୍ତି ? ଇଟାଲିର ତାସ୍କାନିରୁ ଆସେ ଚକୋଲେଟ୍, ଭାନିଲା ବିନ୍ ଆସେ



ମାଡାଗାସ୍କରରୁ । ଆଉ ଆଇସକ୍ରିମ୍ ଉପରେ ଯେଉଁ ଆସ୍ତରଣ ଦିଆଯାଏ ତାହା ଆସେ ପ୍ୟାରିସରୁ । ଏହି ଆଇସକ୍ରିମଟି 'କୋନ୍' ଭାବରେ ମଧ୍ୟ ଆଜିକାଲି ଲଣ୍ଡନରେ ଉପଲବ୍ଧ ହେଉଛି । ସେଇ କୋନ୍ ଆଇସକ୍ରିମରେ ରହିଛି ଅନ୍ୟ ଏକ ବିଶେଷତ୍ୱ । ଏହି କୋନରେ ଏଡିବଲ ଡାଇମଣ୍ଡ ମିଶା ଯାଇଥାଏ । ଅର୍ଥାତ୍ ଆଇସକ୍ରିମରେ ମିଶିଥାଏ ହୀରା ଭସ୍ମ । ଏକ ଛୋଟ କୋନର ଦାମ ୧୨୭ ଡଲାର ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୮,୭୪୦ଟଙ୍କା ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସୁଶାନ୍ତ ଓ ସୁପ୍ରିମକୋର୍ଟ...

ବଲିଉଡ ତାରକା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ଘଟଣାର ତଦନ୍ତ ସିବିଆଇ କରିବା ନିମନ୍ତେ ବୁଧବାର ଦିନ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ସମସ୍ତଙ୍କ ଖୁସି ପହଞ୍ଚାଇଛି । ସୁଶାନ୍ତଙ୍କ ପିତା କେ.ପି. ସିଂହଙ୍କ ଆବେଦନ ଯାଚିକା ଉପରେ ବିଚାର କରି ଜଷ୍ଟିସ୍ ହୃଷିକେଶ ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହା କେବଳ ସୁଶାନ୍ତଙ୍କ ମାତାପିତା, ଆତ୍ମୀୟ ସ୍ୱଜନ ନୁହନ୍ତି, ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ମଧ୍ୟ ଆଶ୍ୱସ୍ତ କରିଛି । ଏହା ଫଳରେ ଏବେ ସିବିଆଇ ସଂପୂର୍ଣ୍ଣ ମାମଲାଟିର ମୂଳରୁ ତଦନ୍ତ କରିବ ଏବଂ ଏପର୍ଯ୍ୟନ୍ତ ମୁମ୍ବାଇ ପୁଲିସ୍ କରିଆସୁଥିବା ତଦନ୍ତର ସମସ୍ତ ତଥ୍ୟାବଳୀ ସିବିଆଇକୁ ହସ୍ତାନ୍ତର କରିବ । ଫଳରେ ମୁମ୍ବାଇ ପୁଲିସ ଏବଂ ବିହାର ପୁଲିସ ମଧ୍ୟରେ କିଛିଦିନ ଧରି ଚାଲିଥିବା ଟଣାଓଟରାର ମଧ୍ୟ ଅନ୍ତ ହୋଇଛି । ସୁଶାନ୍ତ ସିଂହ ରାଜପୁତଙ୍କର ଜୁନ୍ ୧୪ ତାରିଖ ଦିନ ତାଙ୍କର ମୁମ୍ବାଇ ସ୍ଥିତ ଫ୍ଲାଟରେ ମୃତ୍ୟୁ ଘଟିଥିଲା ଏବଂ ସେ ଆତ୍ମହତ୍ୟା କରିଥିଲେ ବୋଲି ପ୍ରାରମ୍ଭିକ ରିପୋର୍ଟ ପ୍ରକାଶ ପାଇଥିଲା । କିନ୍ତୁ ଏଭଳି ଜଣେ ଉଦୀୟମାନ ଓ ସଫଳ ଅଭିନେତା କାହିଁକି ଆତ୍ମହତ୍ୟା କରିବେ ଏବଂ ଏହା ପଛରେ କି କାରଣ ଥାଇପାରେ ତାହା ତାଙ୍କ ପରିବାରଙ୍କ ସମେତ ଅସଂଖ୍ୟ ପ୍ରଶଂସକଙ୍କ ମନରେ ସନ୍ଦେହ ଜାତ କରାଇଥିଲା । ପରବର୍ତ୍ତୀ ସମୟରେ ସୁଶାନ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କା ହଡ଼ପ ହୋଇଥିବାରୁ ଜଣାପଡ଼ିବା ପରେ ସନ୍ଦେହ ଘନୀଭୂତ ହୋଇଥିଲା । ଏହି କ୍ରମରେ ତାଙ୍କର ପ୍ରେମିକା ରିୟା ଚକ୍ରବର୍ତ୍ତୀଙ୍କ ପ୍ରତି ସନ୍ଦେହର ଅଙ୍ଗୁଳି ମଧ୍ୟ ନିର୍ଦ୍ଦେଶିତ ହୋଇଥିଲା । ଏପରିକି ବଲିଉଡରେ ପ୍ରଚଳିତ ଗୋଷ୍ଠୀ ବିବାଦ ମଧ୍ୟ ସୁଶାନ୍ତଙ୍କ ମୃତ୍ୟୁର ଅନ୍ୟତମ କାରଣ ହୋଇଥାଇପାରେ ବୋଲି ତାଙ୍କ ପରିବାର ଲୋକ ସନ୍ଦେହ କରିଥିଲେ । କାରଣ, ଯେଉଁଭଳି ଢଙ୍ଗରେ ସୁଶାନ୍ତଙ୍କ ମୃତଦେହ ତାଙ୍କ ଫ୍ଲାଟରୁ ମିଳିଥିଲା ତାହା ସ୍ୱାଭାବିକ ଆତ୍ମହତ୍ୟା ହୋଇନଥାଇ ପାରେ ବୋଲି ଅନେକେ ସନ୍ଦେହ ପ୍ରକଟ କରୁଥିଲେ । ସେ ଯାହାହେଉ, ସୁଶାନ୍ତଙ୍କ ପିତା ନିଜର ଏକମାତ୍ର ପୁତ୍ରଙ୍କ ମୃତ୍ୟୁର ତଦନ୍ତ ନିରପେକ୍ଷ ଭାବେ ହେବା ନେଇ ବିହାର ପୁଲିସ ନିକଟରେ ବିଧିବଦ୍ଧ ଭାବେ ଏତଲା ଦାଏର କରିବା ପରେ ବିହାର ପୁଲିସ ମୁମ୍ବାଇ ଯାଇ ଏହାର ଖୋଳତାଡ଼ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ମୁମ୍ବାଇ ପୁଲିସ ପକ୍ଷରୁ ଏଥିପାଇଁ ଆବଶ୍ୟକ ସହଯୋଗ ନମିଳିବା ସନ୍ଦେହକୁ ଅଧିକ ଘନୀଭୂତ କରିଥିଲା । ଇତିମଧ୍ୟରେ ରିୟା ଚକ୍ରବର୍ତ୍ତୀଙ୍କୁ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଜେରା ଜାରି ରହିଛି । ରିୟାଙ୍କର ସୁଶାନ୍ତଙ୍କ ସହ କିପ୍ରକାର ସଂପର୍କ ଥିଲା ଏବଂ ଏହି ମୃତ୍ୟୁ ପଛରେ ରିୟାଙ୍କ ଭୂମିକା କ'ଣ ତାହା ଜାଣିବାକୁ ସଭିଏଁ ଆଗ୍ରହୀ । ତଥାପି ମୁମ୍ବାଇ ପୁଲିସ ଏହି ମାମଲା ଉଚିତ ତଦନ୍ତ କରୁଛି ଏବଂ ସିବିଆଇ ତଦନ୍ତର ଆବଶ୍ୟକତା ନାହିଁ ବୋଲି ଯେଉଁ ଦାବି କରାଯାଉଥିଲା, ସୁପ୍ରିମକୋର୍ଟ ସେହି ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଆବେଦନକାରୀ କେ.ପି. ସିଂହଙ୍କ ସିବିଆଇ ତଦନ୍ତକୁ ଯଥାର୍ଥ ବୋଲି ସୁପ୍ରିମକୋର୍ଟ କହିଛନ୍ତି । କେବଳ ସେତିକି ନୁହେଁ, ମୁମ୍ବାଇ ପୁଲିସ୍ ସମସ୍ତ ତଦନ୍ତ ରେକର୍ଡ ସିବିଆଇକୁ ତୁରନ୍ତ ହସ୍ତାନ୍ତର କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଖଣ୍ଡପୀଠଙ୍କ ମତରେ ସୁଶାନ୍ତଙ୍କ ମୃତ୍ୟୁର ସତ୍ୟ ସାମ୍ନାକୁ ଆସିଲେ ହିଁ ତାଙ୍କ ଆତ୍ମାକୁ ପ୍ରକୃତ ଶାନ୍ତି ମିଳିପାରିବ । ନିଜର ସକଳ ପ୍ରତିଭାକୁ ପ୍ରଦର୍ଶିତ କରିବା ଆଗରୁ ତାଙ୍କର ମୃତ୍ୟୁ ସୁଶାନ୍ତଙ୍କ ପରିବାର, ସୁହୃଦ୍, ପ୍ରଶଂସକ ସମସ୍ତଙ୍କୁ ବ୍ୟଥିତ କରିଛି । ତେଣୁ ସୁଶାନ୍ତଙ୍କୁ ନ୍ୟାୟ ମିଳିବା ଉଚିତ । ଏବେ ସୁଶାନ୍ତଙ୍କ ପ୍ରେମିକା ରିୟା ଚକ୍ରବର୍ତ୍ତୀଙ୍କ ପକ୍ଷରୁ ଦାଏର କରାଯାଇଥିବା ଅନ୍ୟ ଏକ ଯାଚିକାଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଛନ୍ତି । ରିୟା ଆବେଦନ କରିଥିଲେ ଯେ, ମୁମ୍ବାଇ ପୁଲିସ ହିଁ ଉଚିତ ଭାବେ ଏହି ଘଟଣାର ତଦନ୍ତ କରିପାରିବେ । ରିୟାଙ୍କ ଏଭଳି ଅଦ୍ଭୁତ ଯୁକ୍ତି ବାସ୍ତବିକ୍ ବିସ୍ମୟକର । ସେ ଯାହା ହୋଇଥାଉ, ସୁଶାନ୍ତ ହୁଅନ୍ତୁ କିମ୍ବା ଅନ୍ୟ କେହି, ଭାରତର ଯେକୌଣସି ଜଣେ ସାଧାରଣ ବ୍ୟକ୍ତିଙ୍କୁ ମଧ୍ୟ ଉପଯୁକ୍ତ ନ୍ୟାୟ ମିଳିବା ଆବଶ୍ୟକ । ତଦନ୍ତ ବିହାର ପୁଲିସ କରୁ କିମ୍ବା ମୁମ୍ବାଇ ପୁଲିସ୍ ସତ୍ୟ ଉଦ୍‌ଘାଟିତ ହେବା ଆବଶ୍ୟକ । ବିହାର ପୁଲିସର ତଦନ୍ତକୁ ରୋକାଯିବା ସନ୍ଦେହକୁ ଅଧିକ ଘନୀଭୂତ କରିଛି । ବିଶେଷକରି ମୃତ ସୁଶାନ୍ତଙ୍କ ପିତାଙ୍କୁ ନ୍ୟାୟ ମିଳିବା ଆବଶ୍ୟକ । ଏହା ସମଗ୍ର ବଲିଉଡ୍‌ର ମଧ୍ୟ ମର୍ଯ୍ୟାଦାର ପ୍ରଶ୍ନ । ଜଣେ ଉଦୀୟମାନ ଓ ପ୍ରତିଭାସମ୍ପନ୍ନ ଅଭିନେତାଙ୍କର ରହସ୍ୟଜନକ ମୃତ୍ୟୁ ଘଟିବା ଏବଂ ତଦନ୍ତ ପ୍ରକ୍ରିୟାରେ ବାଧା ଉତ୍ପନ୍ନ ହେବା ସମସ୍ତଙ୍କୁ ବ୍ୟଥିତ କରିବା ସ୍ୱାଭାବିକ । ତେଣୁ ସୁପ୍ରିମକୋର୍ଟ ତାହା ଉପରୁ ସବୁ ପର୍ଦ୍ଦା ହଟାଇଛନ୍ତି । ଏବେ ସିବିଆଇ ଯେତେ ଶୀଘ୍ର ଏହି ଘଟଣାର ସତ୍ୟାସତ୍ୟ ଉଦ୍‌ଘାଟନ କରିବେ ସଂପୃକ୍ତ ପକ୍ଷଙ୍କୁ ସେତେ ଆଶ୍ୱସ୍ତି ମିଳିବ । ଏଭଳି ଘଟଣାକୁ ନେଇ ରାଜନୀତି କିମ୍ବା ପରସ୍ପର ଦୋଷାରୋପ କରାନଯାଉ । ବରଂ ସମସ୍ତେ ଏଥିରେ ସହଯୋଗ କରିବା କାମ୍ୟ ।

ସଂପାଦିକାଙ୍କୁ ପତ୍ର

ମହାଭାଗ !

୧୯୫୦ ମସିହାଠାରୁ ୨୦୦୮ ପର୍ଯ୍ୟନ୍ତ ଦୀର୍ଘ ୫୮ ବର୍ଷ ଧରି ଓଡ଼ିଶା ରାଜ୍ୟରେ କାର୍ଯ୍ୟକାରୀ ହୋଇଆସୁଥିବା "ପଞ୍ଚାୟତ ସଂପାଦକ" ପଦବୀକୁ ରାଜ୍ୟସରକାର ଗତ ତା ୦୧/୦୫/୨୦୦୮ ରିଖଠାରୁ ଉଚ୍ଛେଦ କରି ତତ୍‌କାଳୀନ ସମସ୍ତ କାର୍ଯ୍ୟରତ ପଞ୍ଚାୟତ ସଂପାଦିକମାନଙ୍କୁ ୧୯୮୯ ଠାରୁ ପ୍ରଚଳିତ ହୋଇଆସୁଥିବା ପଞ୍ଚାୟତ ସଂପାଦକ ମାନଙ୍କ ମଧ୍ୟରୁ ୨୫ ଭାଗ "ଗ୍ରାମସେବକ" ପଦୋନ୍ନତ ବ୍ୟବସ୍ଥାକୁ ଆଧାର କରି ଶତପ୍ରତିଶତ ପଦୋନ୍ନତି (ସମସ୍ତ କାର୍ଯ୍ୟରତ ପଞ୍ଚାୟତ ସଂପାଦକ ମାନଙ୍କୁ) ପଦୋନ୍ନତି କରିଦେଲେ । ମାତ୍ର ଠିକ୍ ସେହି ତା ୦୧/୦୫/୨୦୦୮ ରିଖ ପୂର୍ବରୁ ସରକାରୀ ନିୟମ ଅନୁଯାୟୀ ୫୮ ବର୍ଷ କାର୍ଯ୍ୟକାଳ ପୂରଣ ହୋଇଥିବା ରାଜ୍ୟର ପ୍ରାୟ ୧୨୦୦ ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକମାନଙ୍କ ବଞ୍ଚିରହିବା ପାଇଁ ୧୨୦୦ ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକମାନେ "ଓଡ଼ିଶା ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକ ସଂଘ" ଗଠନ କରି ସରକାରୀ ଦଳର କେତେକ ସମ୍ମାନୀୟ ନେତୃତ୍ୱବୃନ୍ଦଙ୍କ ମାଧ୍ୟମରେ "ଯଥାସମ୍ଭବ ଆର୍ଥିକ ସହାୟତା" ନିମନ୍ତେ ବାରମ୍ବାର ଆବେଦନ-ନିବେଦନ ତଥା ଆଲୋଚନା କରିଆସୁଥିଲେ ମଧ୍ୟ, ଗତ ୧୨ ବର୍ଷ ମଧ୍ୟରେ ଆମ୍ଭେ ଅସହାୟ-ନିସହାୟ ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକମାନେ ଅର୍ଦ୍ଧଭୁକ୍ତ ଭଳି ନାହିଁନଥିବା ଦୁଃଖକଷ୍ଟରେ କାଳତିପାତ କରୁଅଛୁ । ଆମ୍ଭେ "ଓଡ଼ିଶା ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକ ସଂଘ"ର ପ୍ରତିଷ୍ଠାତା ତଥା ରାଜ୍ୟ ସାଧାରଣ ସଂପାଦକ ଦାୟିତ୍ୱରେ ରହି ମୁଁ (ଶ୍ରୀ ଭଗବାନ ମହାପାତ୍ର) ଅନ୍ତତଃ ଅସହାୟ-ନିସହାୟ ୧୨୦୦ ପୂର୍ବତନ ସହକର୍ମୀ ବୁଢ଼ାଭାଇମାନଙ୍କ ଆଶା ପୂରଣ ନକରିପାରି ତାଙ୍କ ପାଇଁ ଜଗତର ନାଥ "ଜଗନ୍ନାଥ"ଙ୍କ ଠାରେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ "ଇଚ୍ଛାମୃତ୍ୟୁ" ପଥ ଆଦରି ନେଇଛି । ପରିଶେଷରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ, ଦୟାପରବଶ ହୋଇ ୧୨୦୦ ଅସହାୟ ପଞ୍ଚାୟତ ସଂପାଦକମାନଙ୍କୁ "ବସ୍ତ୍ର ଅଭାବେ ସୂତ୍ର" ଭଳି ଯଥାସମ୍ଭବ କିଛି ଆର୍ଥୀକ ସହାୟତା ଘୋଷଣା କରିବା ନିମନ୍ତେ ଶେଷ ନିବେଦନ । ଅପରପକ୍ଷରେ ଯେଦି ମୋର "ଇଚ୍ଛାମୃତ୍ୟୁ" ପରେ ମଧ୍ୟ କିଛି ଆର୍ଥୀକ ସହାୟତା ନମିଳେ, ତାହେଲେ ଅନ୍ତତଃ ୧୨୦୦ ବୁଢ଼ାଭାଇମାନେ ଆଉ ମୋତେ ଭୁଲ୍ ବୁଝିବେ ନାହିଁ ଏବଂ ଏକ ମହତ ଉଦ୍ଦେଶ୍ୟରେ ମୁଁ ମୋର ଜୀବନକୁ ଉତ୍ସର୍ଗ କଲି ବୋଲି ଭାବି ନେଇ ଆରପାରିକି ସ୍ୱଇଚ୍ଛାରେ ଚାଲିଯିବି । ଆଜିଠାରୁ (ତା ୨୧.୦୮.୨୦୨୦ରିଖ) ଆଗାମୀ ଗାନ୍ଧୀଜୟନ୍ତୀ (ତା ୦୨.୧୦.୨୦୨୦ରିଖ) ମଧ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟ ବିହିତ ପଦକ୍ଷେପ ଗ୍ରହଣ ନକଲେ, ମୁଁ ମୋର "ଇଚ୍ଛାମୃତ୍ୟୁ" ଯେକୌଣସି ସ୍ଥାନରେର କରିବା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ।

(ମତାମତ ପାଇଁ ସମ୍ପାଦିକା ଦାୟୀ ନୁହନ୍ତି)

ଅବାଞ୍ଛିତ ଗର୍ଭ ସଙ୍କଟ

ଇଂ. ବିଦ୍ୟାଧର ପଣ୍ଡା

'ସାଙ୍ଗ ! ତୁମେ ତ ମୋ ଶାଶୂମା। ସାଙ୍ଗ କେମିତି ହେବ !' - 'ଆରେ ! ତୋ' ମୁଣ୍ଡରେ ଖାଲି ଗୋବର। ମୋ କହିବା କଥା ତୋ' ମାଆ ସାଙ୍ଗରେ ତୁ ଯେମିତି ଫ୍ରି କଥା ହେଉ ସେମିତି ମୋ' ସାଙ୍ଗରେ ମନଖୋଲା କଥାହେବୁ। ସଦାବେଳେ ଶାଶୂମା ଭାବି ଦୂରେଇଦୂରେଇ ରହିଲେ ମୋତେ ଜମା ଭଲ ଲାଗୁନି। ତୁ ତ ସବୁ କିଛି ମୋ' ବିଷୟରେ ଜାଣୁ । ଅଭିଷେକକୁ ତିନିବର୍ଷ ହୋଇଥିଲା ବେଳେ ତା' ବାପା ମୋତେ ଏଠି ଏକାଛାଡି ଆରପାରିକୁ ଚାଲିଗଲେ। ସେତେବେଳେ ମୋତେ ମାତ୍ର ଉଣିସିବର୍ଷ। ମୁଁ ଚଉଦବର୍ଷରେ ବାହାହେଲି, ଷୋଳବର୍ଷ ବୟସରେ ମାଆ ଏବଂ ମୋ ଭାଗ୍ୟରେ ଉଣିସିବର୍ଷରେ ବିଧବା ଯୋଗ ଲେଖାଥିଲା। ଅଭିଷେକର ମୁହଁ ଚାହିଁଚାହିଁ ଏ'କୋଡିଏ ବର୍ଷ କେମିତି ବିତେଇଛି କେବଳ ମୁଁ ଏକା ଜାଣେ। ଅଭିଷେକକୁ ଚାକିରି ମିଳିଲାପରେ ସିଏ ସହର ଚାଲିଗଲା। ଏକୁଟିଆ ଘରେ ରହି ସାରାଦିନ କେତେ ଟିଭି ଦେଖିବି ! ମୋତେ ବହୁତ ଖରାପ ଲାଗିବାରୁ ତା' ପଛରେ ଲାଗିଲାଗି ଏଇବର୍ଷ ବାହାହେବାକୁ ରାଜି ହେଲା। ତୋତେ ଦେଖିବାକୁ ଯିବାକୁ ହଜାରେ ଖୁସାମତି ପରେ ହଁ ଭରିଲା। ଯାହାହେଉ ତୁ ଆସିବା ଦିନଠାରୁ ଦେଖୁଛି ତୁମଭିତରେ ସବୁ ରାତିରେ ଝଗଡା। ଏତେ ଜୋରଜୋରରେ ଚିଲ୍ଲଉଛ ଯେ ମୁଁ ଆଦୌ ଶୋଇପାରୁନି। ସେଥିପାଇଁ କହୁଛି ମୋତେ ତୋ'ର ଗୋଟିଏ ଅତି ଅ'ରଙ୍ଗ ସାଙ୍ଗବୋଲି ଭାବି କହ କାହିଁକି ଦି' ଜଣ ଯାକ ସବୁରାତିରେ ଏମିତି ପାଟିତୁଣ୍ଡ କରୁଛ ?'

- 'ତୁମେ କେମିତି ଜାଣିଲ ?' - 'ମୋତେ କଣ କାଲୁଣି ଭାବିଛୁ ?' - 'ମୁଁ କ'ଣ ଏକା ହାଲ୍ଲା କରୁଛି ?' - 'ନାଇଁ, ସିଏ ବି କରୁଛି, ତୁ ବି କରୁଛୁ।' - 'ତୁମେ ତୁମ ପୁଅକୁ କୁହ, ମୋ'ସାଙ୍ଗରେ ଝଗଡା କରିବେନି।' - 'ତା'କୁ ବି କହିବି, କିନ୍ତୁ ସିଏ ଶୁଣିଲେ ସିନା ! ତୁ ଆଗ ମୋତେ ଝଗଡାର କାରଣ କହ, ତାପରେ ମୁଁ ତା' କାନ ମୋଡି ତାକୁ ସାବାଡ୍ କରିବି।' - 'ଆଜିଠାରୁ ତୁମେ ମୋ ସାଙ୍ଗ ତ !' - 'କହିଲି ପରା ଥରେ। ଗୋଟାଏ କଥା କେତେଥର କହିବି ? ଏ ଦୁନିଆରେ ତୋ' ଛଡା ମୋର କିଏ ଆଉ ଅଛି କହିଲୁ ! ତୁ ମୋ'ବୋହୂ, ମୋ' ସାଙ୍ଗ ଏବଂ ତୁ ହିଁ ମୋର ମାଆ ଆଉ ଶାଶୂ ବି।' ଏତିକି କହି ଶାଶୂ ମାଳବିକା ଦେବି ନିଜ ଲୁଗାର କାନିପଣତରେ ଆଖିଲୁହକୁ ପୋଛିପୋଛି ବୋହୂ ପ୍ରିୟଙ୍କାର ଶୋଇବାଘରୁ ଯିବାକୁ ବାହାରିଲା ବେଳେ, ପ୍ରିୟଙ୍କା ନିଜ ଦୁଇବାହୁରେ ଶାଶୂଙ୍କୁ ଜାବୁଡିଧରି ଟାଣି ଟାଣି ନେଇ ଖଟଉପରେ ବସେଇଲା। ଶାଶୂଙ୍କ କୋଳରେ ମୁଣ୍ଡରଖି ଝିଅପରିକା ଶୋଇ ଅଭିଷେକସହ ଝଗଡାର ପ୍ରକୃତ କାରଣ ବଖାଣିବାକୁ ଆରମ୍ଭକଲା।'

- 'ତୁମ ପୁଅ ବହୁତ ଜିଦିଆ। ବହୁତ ମାନେ ବହୁତ। ଅଭିଷେକକୁ ଯେତେ ନେହୁରାହୋଇ କହିଲି ଏବେ ମୋତେ ମାତ୍ର ଏକୋଇଶି ବର୍ଷ। ମୁଁ ପଚିଶବର୍ଷରେ ମାଆ ହେବାକୁ ଚାହୁଁଛି। ବଜାରରେ ଏତେ ସବୁ ସୁରକ୍ଷାଜିନିଷ ମିଳୁଛି, କିଛି ହେଲେ ଗୋଟାଏ କିଣିକି ଆଣୁନାହାନ୍ତି। ପୂର୍ବରୁ କହୁଥିଲେ ମନେରହୁନି, ଏବେ କହିଲେ କହୁଛନ୍ତି ଦୋକାନୀକୁ ମାଗିବାକୁ ମୋତେ ଲାଜ ଲାଗୁଛି। ସେଥିପାଇଁ ମୁଁ ତା' ଙ୍କ ପାଖରେ ନଶୋଇ ସୋଫାରେ ଶୋଉଛି। ମୋତେ ମାଆ ହେବାର ଡର ସଦାବେଳେ ଲାଗି ରହୁଛି। ଅଭିଷେକ ମୋ ମନକଥା ଟିକିଏ ବି ବୁଝିପାରୁନାହାନ୍ତି। କେବଳ ତାଙ୍କ ନିଜିସ୍ୱାର୍ଥ ଖାଲି ଉପଭୋଗ କରିବା କଥା ମନରେ ଭାବୁଛନ୍ତି। ସେଥିପାଇଁ ଆମ ଦୁହିଁଙ୍କ ଭିତରେ ବାରମ୍ବାର ଝଗଡା ହେଉଛି।'

ମାଳବିକା ସେଦିନ ଦ୍ୱିପ୍ରହରରେ ପ୍ରିୟଙ୍କାକୁ ନେଇ ବଜାରଗଲେ। ଛକପାଖ ଔଷଧଦୋକାନରୁ ଦୁଇଟା କଣ୍ଡମ୍‌ପ୍ୟାକେଟ କିଣି ଫେରିଲେ। ସେହିରାତି ବାରଟା ଗୋଟାଏଯାଏ ସବୁ କିଛି ଠିକ୍‌ଠାକ୍ ଥିଲା, ହଠାତ୍ ପୁଣି ଦି' ଜଣଙ୍କ ଭିତରେ ମହାଭାରତ ଆରମ୍ଭ ହୋଇଗଲା। ପନ୍ଦରମିନିଟ୍ ପରେ ପ୍ରିୟଙ୍କାରୁମ୍‌ର କବାଟଖୋଲି ସିଧା ଶାଶୂମା' ପାଖରେ ହାଜର। ଆଜି ଅଭିଷେକ ପ୍ରିୟଙ୍କାଗାଲରେ ଗୋଟିଏ ଶକ୍ତଚାପୁଡା ଲଗେଇଛି ଯେ ପାଂଚଆଙ୍ଗୁଠି ଚିହ୍ନ ଦେଖାଯାଉଛି। ଟିକିଏପରେ ଅଭିଷେକ ଶୋଇବାଘର କବାଟ ବନ୍ଦକରି ଶୋଇଗଲା। ପ୍ରିୟଙ୍କା କାନ୍ଦିକାନ୍ଦି ତା'ର ନୂଆସାଙ୍ଗ ଶାଶୂମାକୁ ଏଇ ଟିକିଏ ପୂର୍ବରୁ ଘଟିଥିବା ଅଘଟଣ ବିଷୟରେ ସବୁକିଛି ଜଣେଇଲା। ଅଭିଷେକକୁ କଣ୍ଡମ୍ ବ୍ୟବହାର କରିବାକୁ ଭଲଲାଗୁନି। ଅଳ୍ପକିଛି ସମୟ ବ୍ୟବହାର କରିବା ପରେ ବାହାରକରି ଫିଙ୍ଗି ଦେବାରୁ ପ୍ରିୟଙ୍କା ତା' ସହ ଅସହଯୋଗ କରି ନାରୀପୁରୁଷର ଆଦିମଖେଳ ଅଧାରୁଉଠି ସୋଫାକୁ ଶୋଇବାକୁ ଚାଲିଗଲା। ଅଭିଷେକର ଏକାଜିଦ୍ ତାକୁ ଏସବୁ ବ୍ୟବହାର କରିବାକୁ ଭଲଲାଗୁନି। ପ୍ରିୟଙ୍କାର ଜିଦ୍ ଯେ ସିଏ କଣ୍ଡମ୍ ବ୍ୟବହାର ନକଲେ ଅଭିଷେକ ପାଖକୁ ଯିବନି। ପ୍ରଥମେ ଦି ତିନିଥର ଅଭିଷେକ ତାକୁ କଅଁଳେଇ ଖଟକୁ ଡାକିଲା, ପ୍ରିୟଙ୍କା ନଶୁଣିବାରୁ ଅଭିଷେକ ରାଗରେ ଗୋଟିଏ ବ୍ରହ୍ମଚାପୁଡା ମାରିବାପରେ ପ୍ରିୟଙ୍କା ସେ ଶୋଇବାଘରୁ ବାହାରି ସେଇ ଅଧାରାତିରେ ଶାଶୂମାଆଙ୍କ ପାଖରେ ଯାଇ ହାଜର। ଶାଶୂବୋହୂ ନୂଆନୂଆ ସାଙ୍ଗ ହେବା କଥା ଅଭିଷେକକୁ ଜଣାନାହିଁ। ସେ ଚୁପ୍‌ଚାପ୍ ଶୋଇଗଲା ପରେ ଶାଶୂମା ବୋହୂପ୍ରିୟଙ୍କାକୁ ସମ୍ଭାଳି ନିଜପାଖରେ ଶୋଇଦେଲେ।

ପରଦିନ ଅଭିଷେକ ଅଫିସ୍ ଚାଲିଗଲାପରେ ଶାଶୂ ମାଳବିକା ବୋହୂପ୍ରିୟଙ୍କାକୁ ଧରି ଚାଲିଲେ ପାଖ ଡାକ୍ତରଖାନା। ଶାଶୂମା ଡାକ୍ତରବାବୁଙ୍କୁ ସବୁ ଖୋଲାଖୋଲି ବୋହୂକଥା ପ୍ରକାଶକଲେ। ଡାକ୍ତରବାବୁ ହସିହସି କହିଲେ ଏଇ ଛୋଟକଥା ପାଇଁ ଏତେ ବଡ ଝଗଡା ! ପ୍ରିୟଙ୍କାକୁ ପଚାରିଲେ କପର୍ଟି ସମ୍ପୂର୍ଣ୍ଣ ସୁରକ୍ଷିତ ସମାଧାନ। ଯେତେବେଳେ ମନହେଲା ମାଆହେବାକୁ ପୁଣିଥରେ ମୋ ପାଖକୁ ଚାଲିଆସିବ। ଦଶମିନିଟର କଥା। ଗର୍ଭରହିବା ଚିନ୍ତା ଏବେଠାରୁ ପୁରାପୁରି ଭୁଲିଯାଅ। ରାତିକୁ ଅଭିଷେକ ଦେଖିଲା ପ୍ରିୟଙ୍କା ପୁରା ସୁନାଝିଅ। ସମ୍ପୂର୍ଣ୍ଣ ବଦଳିଯାଇଛି। ଶତପ୍ରତିଶତ ସହଯୋଗ ମୁଦ୍ରାରେ ଅଭିଷେକକୁ ହସିହସି ସ୍ୱାଗତ କରୁଛି। ପ୍ରତିବାଦର ନାଁଗନ୍ଧ କିଛି ନାହିଁ। ଅଭିଷେକକୁ ପ୍ରିୟଙ୍କାର କପର୍ଟି ନେବାକଥା ଜଣାନାହିଁ। ସେହିଦିନ ପରେ ଦୁଇପ୍ରାଣିଙ୍କ ମଧ୍ୟରେ ମଧୁର ସମ୍ପର୍କ ବହୁତ ଭଲରେ ସ୍ଥାପିତ ହେଲା। ଏମିତି ଚାରି ଛମାସ ଗଲାପରେ ଅଭିଷେକ ମନକୁ ପାପଛୁଇଁଲା। ପ୍ରିୟଙ୍କାର ଗର୍ଭ କାହିଁକି ରହୁନି ! ଅଭିଷେକ ମନେମନେ ଭାବୁଛି ଗୋଟାଏ ପିଲା କରିଦେଲେ ମାଆକୁ କାମ ମିଳିବ। ତା'ର ମନ ବି ଖୁସି ରହିବ। କିନ୍ତୁ ପ୍ରିୟଙ୍କା ଭାବୁଛି ଦି ତିନିବର୍ଷ ପରେ ହେଲେ ତା'କୁ ଭଲ। ଛୁଆପାଇଁ ତରବର କାହିଁକି !

ବର୍ଷକ ପରେ ଅଭିଷେକ ଦିନେ ଜଣେ ଡାକ୍ତରବାବୁଙ୍କୁ ଦେଖାକରି ଏ ବିଷୟରେ ପଚାରିଲା। ଡାକ୍ତରବାବୁ ଧର୍ମପତ୍ନୀଙ୍କୁ ସାଥିରେ ନେଇ ଡାକ୍ତରଖାନାକୁ ଆସିବାକୁ କହିଲେ। ଅଭିଷେକ ମାଆକୁ ସିନେମା ଯାଉଛୁ ବୋଲି ମିଛକହି ପ୍ରିୟଙ୍କାକୁ ଧରି ସେ ଡାକ୍ତରଖାନାରେ ପହଁଚିଲା। କିଛିସମୟ ଅପେକ୍ଷା କରିବାପରେ ଦୁଇପ୍ରାଣୀଙ୍କ ଭିତରେ କଥୋପକଥନ ଚାଲିଲା। ପ୍ରିୟଙ୍କା ଅଭିଷେକର ମନସା ଜାଣିପାରି ସେଠାରୁ ତୁରନ୍ତ ଫେରି ମାଆକୁ କଥାହେବାକୁ ଅନୁରୋଧ କଲା। ଅଭିଷେକ ପ୍ରିୟଙ୍କାକଥା ମାନିଲା ଏବଂ ଘରକୁ ଫେରି ମାଆକୁ ଜଣାଇବାରୁ ମାଆ ପ୍ରିୟଙ୍କାର କପର୍ଟି ପିନ୍ଧିଥିବା ଗୁପ୍ତକଥାଟି ପୁଅଆଗରେ ପରିପ୍ରକାଶ କଲେ। ତିନିହେଁ ବସି ବିଚାରକରି ଆରବର୍ଷ ଶୀତଦିନକୁ ମାଳବିକା ଜେଜମା ହେବାକୁ ସ୍ଥିର କରାଗଲା। ତା'ର ଦଶମାସପୂର୍ବରୁ ପ୍ରିୟଙ୍କାର କପର୍ଟି ବାହାରକରି ସନ୍ତାନଆଶାରେ ଯେବେ ଦୁହିଁଙ୍କର ପ୍ରଥମ ମିଳନ ହେଲା ଅଭିଷେକ କହିଲା ଆଜି ଆମର ପ୍ରକୃତ ବାସରରାତି। ଆଜିଯାଏ ମୋତେ ଠକିଠକି ଆସିଥିଲ ବୋଲି ଉପଭୋଗର ମାତ୍ରା ଟିକେ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଶନିବାର, ଅଗଷ୍ଟ ୨୨, ୨୦୨୦

ବୁଲି ଆସନ୍ତୁ ସମ୍ବଲପୁର

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ କେନ୍ଦ୍ର ସମ୍ବଲପୁରରେ ରହିଛି ୫ଶହ ବର୍ଷ ପୁରୁଣା ସମଲେଶ୍ୱରୀ ମନ୍ଦିର । ସମ୍ବଲପୁର ଦେଇ ଯାଉଥିବା ବା ସମ୍ବଲପୁର ଆସିଥିବା ରାଜନୈତିକ ନେତା, ସରକାରୀ ଅଧିକାରୀ, ପର୍ଯ୍ୟଟକଟିଏ ବି ହୁଅନ୍ତୁ ନା କାହିଁକି ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କୁ ଦର୍ଶନ ନକରି ଫେରନ୍ତି ନାହିଁ । ସମ୍ବଲପୁରୀ ବସ୍ତ୍ର ବିଶ୍ୱ ବିଦିତ । ସମ୍ବଲପୁରକୁ ଆସୁଥିବା ପର୍ଯ୍ୟଟକ ଏଠାରୁ ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ବସ୍ତ୍ର କିଣିବା ପସନ୍ଦ କରନ୍ତି । ଏଠାରେ ବିଶ୍ୱ ପ୍ରସିଦ୍ଧ ହୀରାକୁଦ ନଦୀବନ୍ଧ ସହିତ ରହିଛି ବୁଢ଼ାରଜା ପାହାଡ଼, ଡେବ୍ରିଗଡ଼/ ଉଷାକୋଠି ଅଭୟାରଣ୍ୟ, ହୁମା ବକ୍ର ମନ୍ଦିର, ଘଣ୍ଟେଶ୍ୱରୀ ପୀଠ, ଡେବ୍ରିଗଡ଼ ଅଭୟାରଣ୍ୟ, ଭୀମମଣ୍ଡଳୀ ପରି ବହୁ ଦର୍ଶନୀୟ ସ୍ଥାନ ।

ହୀରାକୁଦ ବନ୍ଧ

ସମ୍ବଲପୁରରୁ ମାତ୍ର ୧୬ କିଲୋମିଟର ଦୂରରେ ମହାନଦୀ ଉପରେ ରହିଛି ବିଶ୍ୱର ଦୀର୍ଘତମ ମାଟି ବନ୍ଧ । ୭୪୬ ବର୍ଗ କିଲୋମିଟର ପରିସୀମାରେ ଏହି ଡ୍ୟାମ ରହିଛି । ଡାଇକ ଉପରେ ପ୍ରାୟ ୨୧ କିଲୋମିଟରର ରାସ୍ତା ରହିଛି । ଏହି ନଦୀବନ୍ଧର ଉତ୍ତରପଟେ ଗାନ୍ଧୀ ମିନାର ଓ ଦକ୍ଷିଣ ପଟେ ଜବାହର ମିନାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଜବାହର ଉଦ୍ୟାନରୁ ଗାନ୍ଧୀ ମିନାରକୁ ଏବେ ରୋପୱେ' ସୁବିଧା କରାଯାଇଛି । ହୀରାକୁଦ ଡ୍ୟାମରେ ଫଟୋ ଉଠାଇବା ମନା ଥିବାବେଳେ ପର୍ଯ୍ୟଟକଙ୍କୁ ହୀରାକୁଦ ସୁରକ୍ଷା ଏଜେନ୍ସିଠାରୁ ଅନୁମତି ନେବାକୁ ପଡ଼ିଥାଏ ।

ଉଷାକୋଠି ଅଭୟାରଣ୍ୟ

ସମ୍ବଲପୁରରୁ ପ୍ରାୟ ୪୮କିଲୋମିଟର ଦୂର ବଡ଼ରମାରେ ରହିଛି ଉଷାକୋଠି ଅଭୟାରଣ୍ୟ । ସେଠାରେ ପ୍ରାୟ ସମସ୍ତ ପ୍ରକାର ବନ୍ୟପ୍ରାଣୀ ରହିଛନ୍ତି । ଅଭୟାରଣ୍ୟ ଭିତରେ ଥିବା ୱାଚ ଟାୱାରରୁ ପର୍ଯ୍ୟଟକ ଦେଖିବା ସହ ବଡ଼ ରମା ଫରେଷ୍ଟ ରେଞ୍ଜ ଅଫିସରଙ୍କଠାରୁ ଭିତରକୁ ଯିବା ପାଇଁ ଅନୁମତି ମିଳିଥାଏ । ଅକ୍ଟୋବରରୁ ଏପ୍ରିଲ ମାସ ମଧ୍ୟରେ ଏହି ଅଭୟାରଣ୍ୟକୁ ଯିବା ପାଇଁ ଶ୍ରେଷ୍ଠ ସମୟ । ଯାନବାହାନ ଓ କ୍ୟାମେରା ସକାଶେ ସ୍ୱତନ୍ତ୍ରଦେୟ ଦେବାକୁ ହୋଇଥାଏ ।

ହୁମା ବକ୍ର ମନ୍ଦିର:

ସମ୍ବଲପୁରରୁ ୩୨ କିଲୋମିଟର ଦୂର ହୁମାଠାରେ ରହିଛି ପ୍ରସିଦ୍ଧ ବକ୍ର ମନ୍ଦିର । ମହାଦେବବାବାଙ୍କ ଏହି ମନ୍ଦିର ମହାନଦୀ ତଟ ଦେଶରେ ରହିଥିବାବେଳେ ଏଠାରେ 'କୁଢ଼ୋ' ମାଛ ରହିଛନ୍ତି । କୁଢ଼ୋ ମାଛକୁ ଭଗବାନଙ୍କ ପ୍ରତୀକ ରୂପେ ସେମାନଙ୍କୁ ଖାଦ୍ୟ ଦେଲେ ପୁଣ୍ୟ ହୁଏ ବୋଲି ବିଶ୍ୱାସ ରହିଛି । ସମ୍ବଲପୁରରୁ ଏଠାକୁ ନିୟମିତ ସିଟି ବସ ସୁବିଧା ରହିଛି ।

ଘଣ୍ଟେଶ୍ୱରୀ ପୀଠ

ସମ୍ବଲପୁରରୁ ପ୍ରାୟ ୩୫ କିଲୋମିଟର ଦୂରରେ ରହିଛି ଦେବୀ ଘଣ୍ଟେଶ୍ୱରୀଙ୍କ ପୀଠ । ହୀରାକୁଦ ଶକ୍ତି ଉତ୍ପାଦନ କେନ୍ଦ୍ରର ଦ୍ୱିତୀୟ ପର୍ଯ୍ୟାୟ ଥିବା ଚିପିଲିମାର ଏହି ଦେବୀଙ୍କଠାରେ ଘଣ୍ଟା ଲାଗି କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ଏଠାକୁ ନିୟମିତ ସିଟି ବସ ସୁବିଧା ରହିଛି ।

ଡେବ୍ରିଗଡ଼ ଅଭୟାରଣ୍ୟ

ହୀରାକୁଦ ଡ୍ୟାମ ଅଞ୍ଚଳରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟ ୩୫୩ ବର୍ଗ କିଲୋମିଟର ପରିସୀମାରେ ରହିଛି । ଏହାର ରାଜସ୍ୱ ଜିଲ୍ଲା ବରଗଡ଼ ହୋଇଥିବା ବେଳେ ସମ୍ବଲପୁରରୁ ଏହା ପ୍ରାୟ ୪୦ କିଲୋମିଟର ଦୂର । ସେଠାରେ ପ୍ରାୟ ସମସ୍ତ ପ୍ରକାର ବନ୍ୟପ୍ରାଣୀ ରହିଛନ୍ତି । ରାତ୍ରି ରହଣି ସକାଶେ ଏଠାରେ ଓଟିଡିସି କଟେଜ ବ୍ୟବସ୍ଥା ମଧ୍ୟ ରହିଛି ।

ବୁର୍ଲା ପ୍ଲାନେଟୋରିଅମ

ସମ୍ବଲପୁରରୁ ମାତ୍ର ୧୨ କିଲୋମିଟର ଦୂର ବୁର୍ଲା ସହରରେ ରହିଛି ଓଡ଼ିଶାର ଦ୍ୱିତୀୟ ପ୍ଲାନେଟୋରିଅମ । ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ନାମରେ ଏହା ନାମିତ ହୋଇଛି । ଏହା ସହିତ ରହିଛି ସାଇନ୍ସ ଇଭୋଲ୍ୟୁସନ ପାର୍କ ।

ଗୁଦଗୁଦା ଜଳପ୍ରପାତ

ସମ୍ବଲପୁରରୁ ପ୍ରାୟ ୧୧୭ କିଲୋମିଟର ଦୂର କୁଚିଣ୍ଡା ଉପଖଣ୍ଡରେ ରହିଛି ଗୁଦଗୁଦା ଜଳପ୍ରପାତ । ଏହି ବଣ ଜଙ୍ଗଲଘେରା ପ୍ରାକୃତିକ ଜଳପ୍ରପାତ ଦେଖିବାକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକ ଯାଉଥିଲେ ହେଁ ଡିସେମ୍ବର ଜାନୁଆରୀ ମାସରେ ପିକନିକ ଦଳ ଭିଡ଼ ଜମେଇଥାନ୍ତି । ସମ୍ବଲପୁରରୁ କୁଚିଣ୍ଡା ଦେଇ କୁସୁମୀ ପର୍ଯ୍ୟନ୍ତ ବସ ସେବା ରହିଥିବା ବେଳେ ପରବର୍ତ୍ତୀ ୧୦କିଲୋମିଟର ଅନ୍ୟ ଯାନବାହାନ ଯୋଗେ ଯିବାକୁ ପଡ଼ିଥାଏ ।

ସୁରକ୍ଷିତ ରହିବ ପନିପରିବା

ଯଦି ଫ୍ରିଜ ଖରାପ ହୋଇଛି କିମ୍ବା ବିଦ୍ୟୁତ୍ କାଟ ବାରମ୍ବାର ହେଉଛି, ତେବେ ଫ୍ରିଜରେ ପନିପରିବା ରଖି ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୁଏ । ବିନା ଫ୍ରିଜରେ ମଧ୍ୟ ପନିପରିବା ସତେଜ ରହିପାରିବ । ବ୍ୟାକ୍ଟେରିଆ ନ ହେବା ପାଇଁ ପରିବାକୁ ଶୁଖିଲା ସ୍ଥାନରେ ରଖନ୍ତୁ । ଏହା ଦ୍ୱାରା ସେଥିରେ ପାଣି ଲାଗିନଥାଏ । ଏପରି ରାନ୍ଧିଲେ ପରିବା ସୁସ୍ୱାସୁ ମଧ୍ୟ ଲାଗେ । କ୍ଷୀରକୁ ଭଲଭାବରେ ଫୁଟାଇ ରଖିଲେ ଏହା ଖରାପ ହୋଇନଥାଏ । ଏହା ସହ କ୍ଷୀର ଫୁଟିସାରିଲା ପରେ ୧ଚାମଚ ମହୁ ପକାଇଲେ ସ୍ୱାଦ ବଢ଼ିବା ସହ କ୍ଷୀର ଛିଣ୍ଡିନଥାଏ । ଏଥିପାଇଁ କେବଳ ଶୁଦ୍ଧ ମହୁ ବ୍ୟବହାର କରିବା ଦରକାର । ବଟର କିମ୍ବା ଜାମ ବୋତଲକୁ ଥଣ୍ଡା ପାଣି ଥିବା ଏକ ପାତ୍ରରେ ଅଧା ବୁଡ଼ାଇ ରଖନ୍ତୁ । ପ୍ରତି ୨-୩ ଦିନ ଅନ୍ତରରେ ପାଣି ପରିବର୍ତ୍ତନ କଲେ ସେସବୁ ଖରାପ ହୁଏ ନାହିଁ । ବିସ୍କୁଟ ନରମ ନ ହେବା ପାଇଁ ଏହାକୁ ପଲିଥିନ କିମ୍ବା ଏୟାର ଟାଇଟ ଡବାରେ ରଖିବା ଉଚିତ । ଅଣ୍ଡା ଖରାପ ହେବାର ସମ୍ଭାବନା ସବୁଠୁ ଅଧିକ । ସେଥିପାଇଁ ଅଣ୍ଡାକୁ ଥଣ୍ଡା ପାଣି ଥିବା ପାତ୍ରରେ ବୁଡ଼ାଇ ରଖନ୍ତୁ । ଅତି ବେଶିରେ ୪ଦିନ ଏହିପରି ରଖିବା ଉଚିତ । ଆମିଷ ଖାଦ୍ୟକୁ ଅଧିକ ସମୟ ନ ରଖି ରୋଷେଇ ପରେ ପରେ ଖାଇବା ଭଲ ।

ଜାପାନର ଏକ ଅଦ୍ଭୁତ ଗ୍ରାମ

ବିଗତ କିଛି ବର୍ଷରେ ଜାପାନର ଜନସଂଖ୍ୟା ହ୍ରାସ ପାଉଥିବାର ଦେଖାଯାଉଛି । ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠାରୁ ଜନସଂଖ୍ୟା କମ ହେବାର ଦେଖାଯାଉଛି । ଜାପାନର ଗୋଟେ ଗାଁ ଅଛି ଯେଉଁଠାରେ କେବଳ ୨୭ ଜଣ ଲୋକ ରୁହନ୍ତି । ପଶ୍ଚିମ ଜାପାନରେ ଶିକୋକୁ ଟାପୁରେ ସ୍ଥିତ ନାଗୋରୋ ଗ୍ରାମରେ ଜଣେ ହେଲେ ମଧ୍ୟ ଛୋଟ ପିଲା ନାହାଁନ୍ତି । ଏଠାରେ ଏକୁଟିଆ ନ ଲାଗିବା ପାଇଁ ଲୋକମାନେ ଘର ବାହାରେ କଣ୍ଢେଇ ରଖିଥାନ୍ତି । ଏହି ଗ୍ରାମର ୬୯ ବର୍ଷୀୟ ସୁକିମି ଆୟନୋ ନାସର ମହିଳା ମଣିଷ ପରି କଣ୍ଢେଇ ତିଆରି ଆରମ୍ଭ କରିଥିଲେ । ତାଙ୍କର କହିବାନୁସାରେ ଗ୍ରାମରେ କେବଳ ୨୭ଜଣ ଲୋକ ରୁହନ୍ତି କିନ୍ତୁ ଏଠାରେ କଣ୍ଢେଇ ସଂଖ୍ୟା ୨୭୦ ଅଟେ । ଏହି କଣ୍ଢେଇ ତିଆରି କରିବାର ପ୍ରଥା ୧୬ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା । ସୁକିମ ପ୍ରଥମ କଣ୍ଢେଇ ତିଆରି କଲେ ଓ ସେ ତାଙ୍କ ପିତାଙ୍କର ଲୁଗା କଣ୍ଢେଇକୁ ପିନ୍ଧାଇଦେଲେ । ସେ ଏହି ମୂର୍ତ୍ତିକୁ ମଧ୍ୟ ବଗିଚାରେ ରଖିଛନ୍ତି ଯାହାଦ୍ୱାରା ପକ୍ଷୀମାନେ ଫସଲ ନଷ୍ଟ କରିବାକୁ ଆସୁନାହାଁନ୍ତି । ଏହି ଗ୍ରାମରେ କୌଣସି ଛୋଟ ପିଲା ନାହାଁନ୍ତି । ସବୁଠାରୁ କମ୍ ବୟସର ଲୋକର ବୟସ ୫୫ । ଏହି ଗ୍ରାମର ଲୋକମାନେ ସହରକୁ ପଳାୟନ କରିଥିବାରୁ ଏହି କଣ୍ଢେଇ ସବୁ ଏକାକି ଥିବାର ଜଣାଯାଏ । ଏହି କଣ୍ଢେଇମାନଙ୍କ ନାଗୋରୋ ଗ୍ରାମକୁ ପର୍ଯ୍ୟଟକମାନଙ୍କ ଆଗମନ ମଧ୍ୟ ଆରମ୍ଭ ହୋଇଗଲାଣି ।

ମିଳିବ ବାର୍ଦ୍ଧକ୍ୟ ରୋଧକ ଔଷଧ

ନ୍ୟୁଫାଉଣ୍ଡଲାଣ୍ଡ ବିଶ୍ୱବିଦ୍ୟାଳୟର ଗବେଷକଗଣ ଏକ ତଥ୍ୟ ପ୍ରକାଶ କରିଛନ୍ତି, ଯାହା ବିଶ୍ୱସ୍ତରରେ ଲୋକଙ୍କ ଦ୍ୱାରା ଆଦୃତ କରାଯାଇଛି । ଆଗାମୀ କିଛି ବର୍ଷ ମଧ୍ୟରେ ବିଶ୍ୱବଜାରରେ ବାର୍ଦ୍ଧକ୍ୟ ରୋକିବା ଔଷଧ ଉପଲବ୍ଧ ହେବ ବୋଲି ସେମାନେ ଘୋଷଣା କରିଛନ୍ତି । ୧୫ ବର୍ଷରୁ ୭୫ ବର୍ଷୀୟ ଲୋକ ସେମାନଙ୍କ ଗବେଷଣାରେ ସାମିଲ ହୋଇଥିଲେ । ୬ ବର୍ଷ ନିରନ୍ତର ଗବେଷଣା କରିବା ପରେ ଗବେଷକ ଜାଣିପାରିଲେ ଯେ ୬୦ ବର୍ଷ ପରେ ଏକ ପ୍ରକାର ଏନଜାଇମର ମାତ୍ରା ମାଂସପେଶୀରେ ବଢ଼େ । ତାହା ହିଁ ଶରୀରକୁ ଦୁର୍ବଳ କରିଥାଏ । ସେମାନେ ପ୍ରସ୍ତୁତ କରୁଥିବା ଔଷଧ ଶରୀରକୁ ଶକ୍ତି ଯୋଗାଇବା ସହ ମାଂସପେଶୀକୁ ଦୃଢ଼ କରିବ ।

ପ୍ରକୃତିର ବରଦାନ ନଡ଼ିଆପାଣି

ମୃଦୁପାନୀୟର ଯୁଗରେ ନଡ଼ିଆ ପାଣିର ଆଦର କମିଛି । ଏଇ ନଡ଼ିଆ ଫଳ ଓ ପାଣି ଉଭୟ ସୁସ୍ୱାସ୍ଥ୍ୟ ନିମନ୍ତେ ଖୁବ୍ ଆବଶ୍ୟକ । ନଡ଼ିଆ ପାଣି ନିୟମିତ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ପିଲାମାନଙ୍କର ସ୍ମୃତି ଶକ୍ତି ନିମନ୍ତେ ସହାୟକ । ଓଜନ କମ କରିବାକୁ ଚାହୁଁଥିବା ଲୋକ ଦିନର ଆରମ୍ଭ ଏଇ ନଡ଼ିଆ ପାଣି ପିଇ କରିବା ଉଚିତ । ଉଚ୍ଚ ରକ୍ତଚାପ ରୋଗୀଙ୍କ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ନିମନ୍ତେ ନଡ଼ିଆ ପାଣି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏଥିରେ ମହଜୁଦ୍ ଥିବା ଭିଟାମିନ ସି, ମ୍ୟାଗ୍ନେସିୟମ ଓ

ପୋଟାସିୟମ ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ । ନଡ଼ିଆ ପାଣିରେ ଥିବା ବିଭିନ୍ନ ପୋଷକତତ୍ତ୍ୱ ବୃକକ୍‌କୁ ସୁସ୍ଥ ରଖିବା ସହ ଉତ୍ତମ ଭାବେ ମଧ୍ୟ କାର୍ଯ୍ୟକ୍ଷମ କରାଇଥାଏ । ତ୍ୱଚା ସଂକ୍ରମଣରୁ ରକ୍ଷା ପାଇବାକୁ ଚାହୁଁଥିଲେ ଦୈନିକ ଏଇ ନଡ଼ିଆପାଣି ପିଇବା ଖୁବ୍ ଲାଭଦାୟକ ।

ପ୍ରେମୀ ଯୁଗଳଙ୍କୁ ଏକାଠି କରୁଥିବା ଝରଣା

ସାରା ବିଶ୍ୱରେ ବହୁ ସ୍ଥାନ ରହିଛି ଯାହାର ଗୁଣ ଗରିମା ବିଷୟରେ ଜାଣିଲେ ଆପଣ ମଧ୍ୟ ଆଶ୍ଚର୍ଯ୍ୟ ହେବେ । ହେଲେ ଜାଣନ୍ତି କି ଏମିତି ଏକ ଝରଣା ରହିଛି ଯୌଉଁଠି ଗାଧୋଇଲେ ଅଲଗା ହୋଇଯାଇଥିବା ପ୍ରେମିକ ପ୍ରେମିକା ପୁଣିଥରେ ଏକାଠି ହୋଇଯାଆନ୍ତି । ଗ୍ୱାଲିଅରର ଶିବପୁରୀରେ ରହିଥିବା ଏହି ଝରଣାଟି ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ମଜବୁତ କରେ । ସ୍ଥାନୀୟ ଲୋକମାନଙ୍କ କହିବା କଥା ହେଲେ, ଏହି ଝରଣାର ପାଣି ଅମୃତ ତୁଲ ଏବଂ ଏହି କୁଣ୍ଡରେ ଗାଧୋଇଲେ ତ୍ୱଚା ସମ୍ବନ୍ଧୀୟ ସବୁ ରୋଗ ଭଲ ହୋଇଯାଇଥାଏ । ହେଲେ ଏହି ଝରଣାର ପାଣି କେବଳ ବର୍ଷାଦିନେ ହିଁ ଦେଖିବାକୁ ମିଳିଥାଏ । ପାଣିସବୁ ଝରି ଏକ କୁଣ୍ଡରେ ଏକାଠି ହୋଇଥାଏ ଏବଂ ଏହି କୁଣ୍ଡକୁ ଭଦେୟା କୁଣ୍ଡ କୁହାଯାଇଥାଏ । ତେବେ ଖାଲି ପ୍ରେମିକ ପ୍ରେମିକା ନୁହନ୍ତି ବରଂ ବୟସ୍କ ଯୋଡ଼ିଙ୍କର ମଧ୍ୟ ବୈବାହିକ ଜୀବନ ସୁଖମୟ ହୋଇଥାଏ ଏବଂ ସେମାନେ କେବେ ବି ଅଲଗା ହୁଅନ୍ତି ନାହିଁ କିମ୍ବା ସେମାନଙ୍କ ମଧ୍ୟରେ କେବେ ବି କଳି ତକରାଳ ହୁଏନାହିଁ ।

ଦାନ ପୂର୍ବରୁ ୯ଟି କଥା

ସବୁ ଧର୍ମରେ ଦାନ ମହତ୍ତ୍ୱ ରହିଛି । କିନ୍ତୁ ଦାନ କାହାକୁ ଦିଆଯାଏ ଓ କେମିତି ଦିଆଯିବା ଉଚିତ, ତାହା କମ୍ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । କିଛିଟା ଏପରି ନିୟମ ଅଛି ଯାହା ଉପରେ ଧ୍ୟାନ ଦେବା ଉଚିତ ।

୧. ବ୍ୟକ୍ତି କଷ୍ଟ କରି ଅର୍ଜନ କରିଥିବା ଧନର ୧୦ଭାଗ ଈଶ୍ୱରଙ୍କ ନିକଟରେ ଲଗାଇବା ଦରକାର । ଯେଉଁ ବ୍ୟକ୍ତି ନିଜର ସ୍ତ୍ରୀ, ପୁତ୍ର ଏବଂ ପରିବାରକୁ ଦୁଃଖରେ ରଖି ଦାନ କରେ, ସିଏ ଜୀବିତ ଥିବା ସମୟରେ ଓ ମୃତ୍ୟୁ ପରେ ବି ଦୁଃଖପାଏ ।

୨. ସ୍ୱୟଂ ଯାଇ ଦେଇଥିବା ଦାନର ଉତ୍ତମ ଫଳ ଏବଂ ଘରକୁ ଡାକି ଦିଆଯାଇଥିବା ଦାନର ମଧ୍ୟମ ଫଳପ୍ରଦ ହୋଇଥାଏ । ଗୋ, ବ୍ରାହ୍ମଣ ତଥା ରୋଗୀଙ୍କୁ ଯେତେବେଳେ କିଛି ଦିଆଯାଇଥାଏ ସେହି ସମୟରେ ଯେଉଁ ବ୍ୟକ୍ତି ନଦେବାର ପରାମର୍ଶ ଦେଇଥାଏ ସେ ଦୁଃଖ ଭୋଗିଥାଏ ।

୩. ତେଲ, ଘାସ, ଜଳ ଓ ଚାଉଳକୁ ହାତରେ ଦେଇ ଦାନ ଦେବା ଆବଶ୍ୟକ ଅନ୍ୟଥା ସେହି ଦାନ ଉପରେ ଦୈତ୍ୟ ଅଧିକାର କରି ନେଇଥାଏ । ଦେବତାଙ୍କୁ ଚାଉଳ ସହିତ ଅନ୍ୟ କିଛି ଦାନ କରନ୍ତୁ ।

୪. ଦାନ କରୁଥିବା ବ୍ୟକ୍ତି ପୂର୍ବାଭିମୁଖୀ ହୋଇ ଦାନ କରିବା ଉଚିତ ଓ ଏହା ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ତରାଭିମୁଖୀ ହୋଇ ଗ୍ରହଣ କରିବେ । ଏହା କରିବା ଦ୍ୱାରା ଦାନ ଦେଉଥିବା ବ୍ୟକ୍ତି ଆୟୁଷ ବଢ଼ିଥାଏ ଓ ନେଉଥିବା ବ୍ୟକ୍ତିଙ୍କର ମଧ୍ୟ ଆୟୁ କମ୍ ହୋଇନଥାଏ ।

୫. ଅନ୍ନ, ଜଳ, ଘୋଡ଼ା, ଗାଈ, ବସ୍ତ୍ର, ଶଯ୍ୟା ଛତା ଓ ଆସନ ଏହି ୮ଟି ବସ୍ତୁକୁ ଦାନ କରିବା ଦ୍ୱାରା ପରବର୍ତ୍ତୀ କାଳାରେ ମୃତ୍ୟୁ କଷ୍ଟକୁ ଦୂର କରିଥାଏ ।

ଅବହେଳିତ ଅବସ୍ଥାରେ କୁମ୍ଭାରିଆ ଗ୍ରାମ୍ୟ ରାସ୍ତା, ଯାତାୟତରେ ନାନା ଅସୁବିଧାରେ ଲୋକେ

ଭଦ୍ରକ, ୨୧/୮ (ହି.ସ.)- ବନ୍ତ ବ୍ଲକ ସେଣ୍ଟତୀରା ପଂଚାୟତ ଅଧିନ ବିକେବିଏମ୍ ରୋଡ୍ ଠାରୁ ଡାଲିୟଗଡିଆ ଭାୟା କୁମ୍ଭାରିଆ ଯାଇଥିବା ଆର୍.ଡି. ରାସ୍ତା ଅବହେଳିତ ଅବସ୍ଥାରେ ପଡି ରହିଛି । ଫଳରେ ପ୍ରତିଦିନ ଯାତାୟକ କରୁଥିବା ଲୋକ ମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିବାର ଅଭିଯୋଗ କରୁଛନ୍ତି । ପ୍ରକାଶ ଯେ, ଏହି ରାସ୍ତା ପୂର୍ବରୁ ସେଣ୍ଟତିରା ପ ।ୟତ ଅଧିନରେ ଥିଲା । ପରବର୍ତୀ ଅବସ୍ଥାରେ ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି । ଏହି ରାସ୍ତା ବିକେବିଏମ୍ ରୋଡ୍ ଠାରୁ ଆରମ୍ଭ ହୋଇ ରାଧାନଗର ପର୍ଯ୍ୟନ୍ତ ସଂଯୋଗ କରିଛି । ଗତ ୨ ବର୍ଷ ତଳେ ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା । ରାସ୍ତାର ନିର୍ମାଣ କାର୍ଯ୍ୟ ବିକେବିଏମ୍ ରୋଡ୍ ଠାରୁ ଆରମ୍ଭ ନହୋଇ ତାହା ରାଧାନଗର ପାର୍ଶ୍ୱରୁ ଆରମ୍ଭ କରାଯାଇଥିଲା । ଏବେ ବିକେବିଏମ୍ ରୋଡ୍ ଠାରୁ ଡାଲିୟଗଡିଆ ଛକ ପର୍ଯ୍ୟନ୍ତ ପ୍ରାୟ ୨କିମି ରାସ୍ତା ଖାଲଖମା ସହ କଦମାକ୍ତ ହୋଇ ଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟକରୁଥିବା ଯାତ୍ରୀଙ୍କ ସମସ୍ୟା ପାଲଟିଛି । ଏହି ରାସ୍ତା ଉପରେ କୁମ୍ଭାରିଆ, ତାଳପଦା, ବାଲିଗଡିଆ, ଡାଲିୟଗଡିଆ, ବିଞ୍ଚା, ରାଧାନଗର, ବରପଦା ଆଦି ଗ୍ରାମର ଶହ ଶହ ଲୋକ ନିର୍ଭର କରନ୍ତି । ଉକ୍ତ ରାସ୍ତା ବିଭିନ୍ନ ସ୍ଥାନକୁ ସୁଗମ ଥିବାରୁ କୁମ୍ଭାରିଆ-ବାଲିଗଡିଆ ଅଙ୍ଗନୱାଡି, ତାଳପଦା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଦୋଳପଦୀ ଓ ନିଳୋକ ହାଇସ୍କୁଲକୁ ଛାତ୍ରଛାତ୍ରୀ ମାନେ ପାଠ ପଢିବାକୁ ଯାଇଥାନ୍ତି । ସେହିପରି ଏହି ରାସ୍ତା ଉପରେ ନିଳୋକ ରାଇସ୍ ମିଲ୍ ସଂପୂର୍ଣ୍ଣ ନିର୍ଭର କରୁଛି । ବିଭିନ୍ନ ସମୟରେ ମିଲକୁ ଧାନ ଗାଡି ଆସୁଥିବା ବେଳେ ଚାଉଳ ଗାଡି ବାହାରକୁ ଯାତାୟତ କରୁଛି । ବର୍ଷା ଦିନେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଅନ୍ୟପକ୍ଷରେ ଏହି ରାସ୍ତାରେ କୁମ୍ଭାରିଆ ମହାଦେବ ମନ୍ଦିର ଠାରୁ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷାଜଳ ନିଷ୍କାସନ ରେ ବାଧକ ସାଜୁଛି, ଫଳରେ ରାସ୍ତା ଉପରେ ପାଣି ଚାଲୁଥିବାର ଦେଖାଯାଇଛି । ଏହି ରାସ୍ତାର ମରାମତି ନେଇ ଅଂଚଳବାସୀ ମାନେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ଏହାର ନିର୍ମାଣ ହୋଇନି । ଉକ୍ତ ରାସ୍ତା ଏହି ଅଂଚଳପାଇଁ ମୁଖ୍ୟ ରାସ୍ତା ଥିବାରୁ ଏହାପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଂଚଳବାସୀ ଙ୍କ ପକ୍ଷରୁ ଦାବି ହୋଇଛି ।

ପଂଚାୟତ ସଶକ୍ତିକରଣ ପାଇଁ ଓଡିଶା ସରକାରଙ୍କର ଆନ୍ତରିକତା ନାହିଁ : ସରପଂଚଙ୍କୁ ଜିଲ୍ଲାପାଳ କ୍ଷମତା ଏକ ପ୍ରହସନ

ଭୁବନେଶ୍ୱର,୨୧।୮ (ନି.ପ୍ର): ରାଜୀବ ଗାନ୍ଧୀଙ୍କର ୭୬ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ପକ୍ଷରୁ "ପଂଚାୟତ ବ୍ୟବସ୍ଥାର ଦୂରାବସ୍ଥା" ଶୀର୍ଷକ ଏକ ଆଲୋଚନା ଚକ୍ର କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ବିଧାନର ୭୩ତମ ଏବଂ ୭୪ ତମ ସଂଶୋଧନ ଆଇନ୍ ମାଧ୍ୟମରେ ତୃଣମୂଳ ସ୍ତରରେ ପଂଚାୟତ ଏବଂ ସ୍ୱାୟତ ଶାସନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ ସ୍ୱର୍ଗତ ରାଜୀବ ଗାନ୍ଧୀ । ମାତ୍ର ଓଡିଶା ସରକାର ରାଜ୍ୟର ପଂଚାୟତ ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ଆନ୍ତରିକତା ଦେଖାଇବା ପରିବର୍ତେ ଏହି ବ୍ୟବସ୍ଥାକୁ ରଗ୍ଣ ଏବଂ ଦୁର୍ବଳ କରୁଛନ୍ତି । ପଂଚାୟତର ପତିନିଧିମାନଙ୍କୁ ପ୍ରଶାସନର ସଖୀ କଣ୍ଢେଇ ସଜାଇ ଅଫିସରମାନଙ୍କର ଅଧସ୍ତନ କର୍ମଚାରୀ ଭାବରେ ପ୍ରତିପାଦିତ କରାଇଛନ୍ତି ବୋଲି ଆଜିର ଆଲୋଚନାରେ ମୁଖ୍ୟବକ୍ତା ଭାବରେ ଭାଗନେଇ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନ୍‌ଗୋ ମତପ୍ରକାଶ କରିଥିଲେ । ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ରାଜ୍ୟ ଅଧକ୍ଷ ଶ୍ରୀ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଅତିଥି ଭାବେ ଯୋଗଥିଲେ । କୋଭିଡ୍ ପରିଚାଳନା ସମୟରେ ରାଜ୍ୟ ସରକାର ସରପଂଚମାନଙ୍କୁ ଜିଲ୍ଲାପାଳ କ୍ଷମତା ପ୍ରଦାନ ଏକ ପ୍ରହସନ ବ୍ୟତୀତ ଅନ୍ୟ କିଛି ନୁହେଁ । ସରପଂଚମାନଙ୍କୁ ଜିଲ୍ଲାପାଳ କ୍ଷମତା ଦେବା ଘୋଷଣା କଲାବେଳେ ବିଡିଓମାନଙ୍କର ବିନା ଦସ୍ତଖତରେ ପଂଚାୟତର ସରପଂଚ କୌଣସି ଅର୍ଥ ଖର୍ଚ୍ଚ କରିପାରିବେ ନାହିଁ ବୋଲି ଆଗରୁ ଫେବୃଆରୀ ମାସରେ ପଂଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଏକ ସର୍କୁଲାର ଜାରି କରିଥିଲେ । ତାହା ଆଜି ମଧ ବଳବତର ରହିଛି । ସରପଂଚମାନଙ୍କୁ କୋଭିଡ୍ ପରିଚାଳନା କ୍ଷେତ୍ରରେ ଅର୍ଥ ଖର୍ଚ୍ଚ କରିବା ଏବଂ ସ୍ୱାଧିନ ଭାବରେ ନିଷ୍ପତି ନେବା କ୍ଷେତ୍ରରେ ଚରମ ବିମୁଖତା ସରକାର ପ୍ରଦର୍ଶନ କରୁଛନ୍ତି । ଏହା ପଂଚାୟତ ବ୍ୟବସ୍ଥା ପ୍ରତି ସରକାରଙ୍କର କେତେ ଆନ୍ତରିକତା ରହିଛି ତାର ପ୍ରମାଣ ଦିଏ । ଦୀର୍ଘ ଦିନ ଧରି ପଲ୍ଲୀସଭା ଓ ଗ୍ରାମସଭା ଆୟୋଜନ ନକରିବା, ପଂଚାୟତକୁ ୨୯ଟି ବିଷୟ ଏବଂ ସହରାଂଚଳରେ ସ୍ୱାୟତଶାସନ ବ୍ୟବସ୍ଥାକୁ ୧୮ଟି ବିଷୟରେ ପରିଚାଳନାର କ୍ଷମତା ଦେବା ଆଜି ମଧ କାଗଜ କଲମରେ ରହିଛି । ବାସ୍ତବରେ ଲୋକଙ୍କର ସମସ୍ୟାଗୁଡିକର ସମାଧାନ ଦିଗରେ ପଂଚାୟତ ପ୍ରତିନିଧିମାନଙ୍କର ଯେଉଁ କ୍ଷମତା ପ୍ରଦାନର ଆବଶ୍ୟକତା ରହିଛି, ତାକୁ ରାଜ୍ୟ ସରକାର ପ୍ରକୃତ ସମ୍ମାନ ଦେଇ ନାହାନ୍ତି ବୋଲି ଆଲୋଚନା ଚକ୍ରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି । ଆଜିର ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ପ୍ରଶିକ୍ଷଣ ସଂଯୋଜକ ଶ୍ରୀ ଶୁଭେନ୍ଦୁ ମହାନ୍ତି, ବିଜୟ ପ୍ରଧାନ, ନିରଦବରଣ ଖୁଂଟିଆ, ବିସ୍ମୟ ମହାପାତ୍ର, ସୁବାଷ ପ୍ରଧାନ, ଚିନ୍ମୟ ଦାସ, ବେଦଦ୍ୟୁତି ପୃଷ୍ଟି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଅନୁରୂପ ଭାବରେ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ପକ୍ଷରୁ ଏକ ଜାତୀୟ ଆଲୋଚନା ଚକ୍ର ୱିବିନାର୍ ମାଧ୍ୟମରେ ଆୟୋଜିତ ହୋଇଯାଇଛି । "ସମ୍ବିଧାନ ଓ ଗ୍ରାମ ସ୍ୱରାଜ" ଶୀର୍ଷକ ଆଲୋଚନା ଚକ୍ରରେ ଏଆଇସିସିର ଜାତୀୟ ପ୍ରଶିକ୍ଷଣ ସଂଯୋଜକ ଶ୍ରୀ ସଚିନ୍ ରାଓ, ଅଧକ୍ଷା ସୁଶ୍ରୀ ମୀନାକ୍ଷୀ ନଟରାଜନ, ଉପାଧକ୍ଷ ହର୍ଷବର୍ଦ୍ଧନ ପ୍ରମୁଖ ଏହି ଆଲୋଚନାରେ ବକ୍ତା ଭାବରେ ଯୋଗ ଦେଇଥିଲେ ।

ତେଲକୋଇରେ ୟୁରିଆ ସାରର ଅଭାବ : କଳାବଜାରରୁ ଚଢା ଦରରେ କିଣୁଛି ଚାଷୀ

କେନ୍ଦୁଝର,୨୧।୮ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ବ୍ଲକ ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବ ଦେଖା ଦେଇଛି । ଫଳରେ ଚାଷୀମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡିଛି । ତେଲକୋଇ ଲ୍ୟାମ୍ପସ ପକ୍ଷରୁ ଚାଷୀଙ୍କୁ ୟୁରିଆ ସାର ସରକାରୀ ଦରରେ ଯୋଗାଇ ଦେବାରେ ଉଦ୍ଦେଶ୍ୟମୂଳକ ଭାବେ ଟାଳଟୁଳ ନୀତି ଅବଲମ୍ବନ କରାଯିବା ଏହି କୃତ୍ରିମ ଅଭାବର ମୁଖ୍ୟ କାରଣ ବୋଲି ଚାଷୀମାନେ କହିଛନ୍ତି । ୟୁରିଆ ସାର ଯଥେଷ୍ଟ ପରିମାଣର ମହଜୁଦ ରହିଥିବା ସତ୍ତ୍ୱେ ଲ୍ୟାମ୍ପର ଏମ୍. ଡି. ଜାଣିଶୁଣି ନିରୀହ ଚାଷୀଙ୍କୁ ଅଯଥା ଭୁଯାଁ ବୁଲାଉଛନ୍ତି ବୋଲି କହିଛନ୍ତି ଚାଷୀ । ଯେଉଁଥିପାଇଁ ତେଲକୋଇର ଚାଷୀମାନେ ବାଧ୍ୟ ହୋଇ ବଜାରରୁ ଚଢା ଦରରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି । ଧାନ ରୁଆର ପ୍ରାୟ ୧୫ ରୁ ୨୦ ଦିନ ମଧ୍ୟରେ ଚାଷୀ ତାର ଜମିରେ ପିଲ ସାର ଦେଇଥାଏ । ସରକାରଙ୍କ ପକ୍ଷରୁ ଲ୍ୟାମ୍ପସ୍ ଜରିଆରେ ସବସିଡ ମୂଲ୍ୟରେ ଚାଷୀ ମାନଙ୍କୁ ୟୁରିଆ ସାର ସହ ଅନ୍ୟାନ୍ୟ ସାର ସବୁ ଯୋଗାଇ ଦିଆ ଯାଇଥାଏ । କିନ୍ତୁ ଠିକ ସମୟରେ ଲ୍ୟାମ୍ପସ ପକ୍ଷରୁ ସାର ଯୋଗାଇ ଦିଆ ଯାଉ ନଥିବାରୁ ଚାଷୀମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି । ସଠିକ ସମୟରେ ବିଲରେ ପିଲ ସାର ପ୍ରୟୋଗ କରା ନଗଲେ ଅମଳ ପରିମାଣ କମିଯିବାର ଆଶଙ୍କା ରହିଛି । ସେଇଥିପାଇଁ ଚାଷୀ ବାପୁଡା ବଜାରରୁ ଚଢା ଦରରେ ସାର କିମିବାକୁ ବାଧ୍ୟ ହେଉଛି । ସରକାରଙ୍କ ୟୁରିଆ ସାର ର ସବସିଡି ଦରରେ ବସ୍ତା ପ୍ରତି ୨୭୦ ଟଙ୍କାରେ ଚାଷୀ ମାନଙ୍କୁ ଯୋଗାଇ ଦେବାକୁ ମୂଲ୍ୟ ଧାର୍ଯ୍ୟ କରିଥିବା ବେଳେ ସାର ଯୋଗାଇ ଦିଆ ଯାଉ ନଥିବା କାରଣରୁ ଚାଷୀ ମାନଙ୍କୁ ବାଧ୍ୟ ହୋଇ ବଜାରରୁ ଚଢା ଦରରେ ବସ୍ତା ପ୍ରତି ୬୦୦ ଟଙ୍କାରେ କିଣିବାକୁ ପଡୁଛି । କିନ୍ତୁ ଏଥିରେ ଅଣସ୍ୱଚ୍ଛଳ ବର୍ଗର ଚାଷୀମାନଙ୍କୁ ସବୁଠାରୁ ଅଧିକ ନିରାଶ ହେବାକୁ ପଡିଛି । ଫଳରେ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଅତି ଦୁର୍ଭାଗ୍ୟ ପୂର୍ଣ୍ଣ ଘଟଣା ହେଉଛି ଯେ ଚାଷୀ ମାନଙ୍କ ଏଭଳି ଦୁଖଃ ସମୟରେ କୌଣସି ନେତା କିମ୍ବା ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କର ଦେଖା ନାହିଁ । ତାଙ୍କର ନିଜ ବିଧାନସଭା ମଣ୍ଡଳୀର ଚାଷୀଙ୍କର ଏଭଳି ଅସୁବିଧା ସମୟରେ ସେମାନଙ୍କ ସହ ଠିଆ ନ ହେବା କିମ୍ବା ସେମାନଙ୍କର ସମସ୍ୟାର ସମାଧାନ କରିବାକୁ ଆଗେଇ ନ ଆସିବା ଅଞ୍ଚଳର ଚାଷୀ ତଥା ସାଧାରଣ ଲୋକଙ୍କୁ ବିଶେଷ ଭାବେ ବ୍ୟଥିତ କରିଛି । ଶେଷରେ ବାଧ୍ୟହୋଇ ଶହ ଶହ ଚାଷୀ ମିଳିତ ଭାବେ ସେମାନଙ୍କୁ ସରକାରୀ ମୂଲ୍ୟରେ ତୁରନ୍ତ ସାର ଯୋଗାଇ ଦେବାକୁ ଦାବୀ କରି ତେଲକୋଇ ଲ୍ୟାମ୍ପସ ଘେରାଉ କରିଥିଲେ । କେନ୍ଦୁଝର ଜିଲ୍ଲା ପ୍ରଶାସନ କର୍ତୃପକ୍ଷ ତୁରନ୍ତ ଏ ଦିଗରେ ବିଶେଷ ଧ୍ୟାନ ଦେଇ ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାର ଯୋଗାଇ ଦେବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ ଉଟିଛି ।

ଘରପଦା ଗ୍ରାମକୁ ସଟ୍ ଡାଉନ୍ କଲେ ସରପ

ଭଦ୍ରକ, ୨୧/୮(ହି.ସ.)- କରୋନାର ପ୍ରଭାବ ଏବେ ଗ୍ରାମାଂଚଳଉପରେ ପଡ଼ିଛି । ଏହାକୁ ପ୍ରତିହତ କରିବାପାଇଁ ବନ୍ତ ବ୍ଲକ ନିଳୋକ ପଂଚାୟତ ୩ନଂ.ୱାର୍ଡ ଘରପଦା ଗ୍ରାମକୁ ସରପଂଚ ଅଶୋକ କୁମାର ମହାନ୍ତି ୭ ଦିନ ପାଇଁ ସଟ୍ ଡାଉନ୍ ଘୋଷଣା କରିଛନ୍ତି । ଏହି ଗ୍ରାମରେ ୬ ଜଣ କରୋନା ପଜେଟିଭ୍ ଚିହ୍ନଟ ହେବା ପରେ ସଂକ୍ରମଣକୁ ରୋକିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି । ଏନେଇ ପଂଚାୟତ ପକ୍ଷରୁ ବିଡିଓ ଓ ଥାନାଧିକାରୀଙ୍କୁ ଲିଖିତ ଅବଗତ କରିଥିବାର ଜଣାଯାଇଛି

ବିଶ୍ୱ ମଶା ଦମନ ଦିବସ

ଗଞ୍ଜାମ,୨୧।୮ (ନି.ପ୍ର): ଆଜି ହେଉଛି ବିଶ୍ୱ ମଶା ଦମନ ଦିବସ । କାରଣ ମଶା କାମୁଡ଼ା ଯୋଗୁଁ ବିଶ୍ୱରେ ହଜାର ହଜାର ଲୋକ ମ୍ୟାଲେରିଆ, ଫାଇଲେରିଆ ଏବଂ ଡେଙ୍ଗୁ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି । ମଶା ଦମନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଏବଂ ଜନସଚେତନତା ସୃଷ୍ଟି କରାଯାଉଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଶେରଗଡ଼ ବ୍ଲକର ପିତଳ ବଜାର ଧୋବାସାହିରେ ଅଭି ଜେନା ନାମକ ଜଣେ ବ୍ୟକ୍ତି ତା'ର ବ୍ୟକ୍ତିଗତ ଜମିରେ ଘାସଲଟା ବୁଦା ଜଙ୍ଗଲ ସୃଷ୍ଟି କରି ଏବଂ ସର୍ବସାଧାରଣ ଡ୍ରେନ ରେ ମାଟି ପକାଇ ଘାସଲଟା କରି ଡ୍ରେନ ର ପଚାପାଣି ନିଷ୍କାସନରେ ଅବରୋଧ କରିବା ଫଳରେ ଏହି ସାହି ଜନସାଧାରଣ ଦୁର୍ଗନ୍ଧରେ ରହି ଅତିଷ୍ଠ ହେବା ସହ ଏହି ନାଳପାଣିରେ ମଶା ମାଛିଙ୍କ ବଂଶ ବୃଦ୍ଧି ହେବାରେ ଲାଗିଛି । ଫଳରେ ଏହି ଅଂଚଳର ଜନସାଧାରଣ ମ୍ୟାଲେରିଆ, ଡେଙ୍ଗୁ ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ସମ୍ଭାବନା ଦେଖାଦେଇଛି । ଲୋକେ ବର୍ତମାନ କରୋନା ଭଳି ମହାମାରୀରେ ଆତଙ୍କିତ ଅବସ୍ଥାରେ ଜୀବନଯାପନ କରୁଥିବାବେଳେ ପୁଣି ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମହାମାରୀରେ ଆକ୍ରାନ୍ତ ହେବା ଆଶଙ୍କା ସୃଷ୍ଟି କଲାଣି । ଏ ସମ୍ପର୍କରେ ସ୍ଥାନ ସରପଂଚଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ ଉତର ଦେଉଛନ୍ତି, ଅଭି ଜେନା ତାର ବ୍ୟକ୍ତିଗତ ଜମିରେ ଜନବସତି ମଧରେ ମଶା ମାଛି ଚାଷ କଲେ ମଧ ଆମର କିଛି କରିବାର ନାହିଁ । ସରପଂଚଙ୍କ ଏହି ମନ୍ତବ୍ୟ ସର୍ବସାଧାରଣଙ୍କୁ ଚକିତ କରିଛି । ଏହାର ପ୍ରତିକାର ପାଇଁ ଗଞ୍ଜାମା ଜିଲ୍ଲାପାଳ, ଏସ ପି, ଶେରଗଡ଼ ବିଡିଓ, ତହସିଲଦାର ଏବଂ ହିଞ୍ଜିଳିକାଟୁ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

ଭତା ବଂଟନ ବେଳେ କୋଭିଡ୍ ନିୟମକୁ ବେଖାତିର

ଧର୍ମଶାଳା,୨୧।୮ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଅର୍ଥଗାଁ ପଂଚାୟତରେ ବୃଦ୍ଧବଦ୍ଧାଙ୍କୁ ଭତା ବଂଟନ ବେଳେ କରୋନା କଟକଣାକୁ ବେଖାତି କରାଯାଉଥିବା ଦେଖବବାକୁ ମିଳିଛି । ଭତା ବାଂଟିବା ଦାୟିତ୍ୱରେ ଥିବା ଅଧିକାରିଣୀ ପୁଷ୍ପାରାଣୀ ସାହୁ ଏଥି ପ୍ରତି ଗୁରତ୍ୱ ଦେଉ ନ ଥିବା ଦେଖିବାକୁ ମିଳିଛି । ଅଧିକାରିଣୀଙ୍କ ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଖାମଖିଆଲ ମନୋଭାବ ଯୋଗୁଁ ବୃଦ୍ଧବୃଦ୍ଧାଙ୍କୁ କରୋନା ଆକ୍ରାନ୍ତ ହେବା ଆଶଙ୍କା ବଢି ଯାଇଛି । ପ୍ରତ୍ୟେକ ମାସର ୧୫ ତାରିଖକୁ ସାମାଜିକ ନିରାପତା ଦିବସ ଭାବରେ ଗଣନା କରାଯାଉଛି । ଏହି ଅବସରରେ ପ୍ରତ୍ୟେକ ଗରୀବ ବୃଦ୍ଧବୃଦ୍ଧାଙ୍କୁ ଭତା ଭାବରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ତେବେ ଏହି ଭତା ସର୍ବଦା ପଂଚାୟତ ମୁଖ୍ୟ କାର୍ଯ୍ୟାଳୟ ଓ ରାଜୀବଗାନ୍ଧି ସେବାକେନ୍ଦ୍ରରେ ବାଂଟିବା ପରିଲକ୍ଷିତ ହେଉଥିଲା । ତେବେ କରୋନା କଟକଣା ପରେ ଭତା ବାଂଟିବା ନିୟମରେ ପରିବର୍ତନ କରାଯାଇଛି । କରୋନାକୁ ନେଇ ଅଧିକ ଭୟ ଉଭୟ ବୃଦ୍ଧାବୃଦ୍ଧଙ୍କ ପ୍ରତି ରହିଛି । ଅଧିକାଂଶ ବୃଦ୍ଧବୃଦ୍ଧା ରହିଥିବାରୁ ପୂର୍ବଭଳି ଗୋଟିଏ ସ୍ଥାନରେ ଭତା ବଂଟା ଯିବାକୁ ବାରଣ କରାଯାଇଥିଲା । ଏ ଦିଗରେ ସରକାରୀ ନିୟମରେ ପରିବର୍ତନ କରାଯାଇଥିଲା । ନିର୍ବାହୀ ଅଧିକାରୀ, ଯନ୍ତ୍ରୀଙ୍କ ସମେତ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନେ ପଂଚାୟତ ମୁଖ୍ୟାଳୟରେ ବସି ଭତା ନବାଂଟିବାକୁ କୁହାଯାଇଥିଲା । ସେମାନେ ଗାଁରେ ପହଁଚି ଭତା ବାଂଟିବା ପାଇଁ ବ୍ଲକ ତରଫରୁ ନିର୍ଦ୍ଦେଶ ରହିଥିଲା । ମାତ୍ର ଏଠି ଦାୟିତ୍ୱରେ ଥିବା ଅଧିକାରିଣୀ ପଂଚାୟତର ରାଜୀବ ଗାନ୍ଧି ସେବା କେନ୍ଦ୍ରରେ ଭତା ବାଂଟିବାକୁ ସ୍ଥିର କରିଥିଲେ । ତେବେ ଏହି ଖବର ଜାଣିବାପରେ ସମସ୍ତେ ଗୋଟିଏ ସ୍ଥାନରେ ରୁଣ୍ଡ ହୋଇଥିଲେ । ସାମାଜିକ ଦୂରତା ଓ ମୁହଁରେ ମାସ୍କ ପିନ୍ଧିବା କଟକଣାକୁ ସମସ୍ତେ ଭୁଲି ଯାଇଥିଲେ । ଚଳିତ ମାସରେ କରୋନା ସଂକ୍ରମଣ ସଂଖ୍ୟା ଅଧିକ ହେଉଛି । ଏହିଭଳି ସମୟରେ ଜନସାଧାରଣ ଅନାବଶ୍ୟକ ଭାବରେ ବାହାରକୁ ବାହାରିବା ପାଇଁ ବାରଣ କରାଯାଉଛି । ଏଥିପାଇଁ ସରକାରୀ ସ୍ତରରେ ଅନେକ ପ୍ରଚାର ପ୍ରସାର କରାଯାଉଛି । ତେବେ ଭତା ବାଂଟିବା ଦାୟିତ୍ୱରେ ଥିବା ସଚେତନ ଅଧିକାରିଣୀଙ୍କ ଏଭଳି ଦାୟିତ୍ୱହୀନତା କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଉଛି । ତେବେ ଏ ନେଇ ପୁଷ୍ପାଞ୍ଜଳି ସାହୁଙ୍କୁ ପଚାରିବାରୁ ସେ ମନା କରିବା ସତ୍ତ୍ୱେ ଭାତା ହିତାଧିକାରୀମାନେ ତାଙ୍କ କଥାକୁ ଶୁଣି ନଥିଲେ । ତେଣୁ ସେ ଭତା ବଂଟନକୁ କିଛି ସମୟ ପାଇଁ ବନ୍ଦ ରଖିଥିଲେ । ଗାଁରେ ଭତା ଦିଆଯିବ କହିବାରୁ ଲୋକେ ଫେରି ଯାଇଥିଲେ । ପରେ ଅଳ୍ପ ସଂଖ୍ୟକ ଲୋକଙ୍କୁ ଭତା ବଂଟନ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବୋଲି ସେ ମତ ପ୍ରକାଶ କରିଛନ୍ତି ।

ଲଗାଣବର୍ଷାରେ ବୈତରଣୀ ନଦୀକୁ ଧସିଲା ୨୦ନଂ ଜାତୀୟ ରାଜପଥର ୨ଶହ ଫୁଟ ପଥରବନ୍ଧ

- ବିଚ୍ଛିନ୍ନ ହେବ ଆଖଣ୍ଡଳମଣି-ଯାଜପୁର ମୁଖ୍ୟରାସ୍ତା !
- ଘଟଣା ଲୁଚାଇବାକୁ ଯାଇ ଠିକାଦାର ଘୋଡାଇଲା ପାଲ

ଭଦ୍ରକ, ୨୧/୮ (ହି.ସ.)-ଲଘୁଚାପ ଜନିତ ଲଗାଣବର୍ଷାରେ ଭଦ୍ରକ ଜିଲା ଆରଡି ନିକଟସ୍ଥ ବୋଡକ ନିକଟରେ ବୈତରଣୀନଦୀ ମଧ୍ୟକୁ ଧସିଗଲା ୨୦ନଂ ଜାତୀୟ ରାଜପଥର ପଥରବନ୍ଧ । ଏପରିଘଟଣା ଲୁଚାଇବାକୁ ଯାଇ କାର୍ଯ୍ୟରତ ଠିକାଦାର ପାଲ ଘୋଡାଇବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହି ଜାତୀୟ ରାଜପଥ ଆଖଣ୍ଡଳମଣି ଓ ଯାଜପୁର ଜିଲା ମା ବିରଜା କ୍ଷେତ୍ରକୁ ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ହଜାରହଜାର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଭକ୍ତ ଯାତାୟତ କରିବା ସହିତ ସ୍ଥାନୀୟ ଲୋକମାନେ କଟକ, ପୁରୀ, ଭୂବନେଶ୍ୱର ଆଦି ଅଂଚଳକୁ ବିଭିନ୍ନ ଗାଡି ମଟରରେ ଯାତାୟତ କରିଥାନ୍ତି । ହେଲେ ଦୀର୍ଘଦିନ ହେବ ଏହି ଜାତୀୟ ରାଜପଥର କୟାଁଗୋଲା ସେତୁ ନିକଟରେ ମାଟି ଅତଡା ଖସିବାରୁ ଏହି ରସ୍ତାର ସ୍ଥାୟୀ ମରାମତି ପାଇଁ ପାଣିକୋଇଲି ଜାତୀୟ ରାଜପଥ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳ କରାଯାଇ ପଥରପ୍

ଛାତ୍ରଛାତ୍ରୀମାନେ ସମୟର ସଦୁପଯୋଗ କରନ୍ତୁ : ମନ୍ତ୍ରୀ

ଭୁବନେଶ୍ୱର, ୨୧ ଅଗଷ୍ଟ (ହି.ସ.)- ଛାତ୍ର-ଶିକ୍ଷକ ଓ ଅଭିଭାବକ ମାନଙ୍କର ସମନ୍ୱୟ ଠିକ୍ ରହିଲେ ଜଣେ ଛାତ୍ର ପରୀକ୍ଷାରେ ସଫଳତା ହାସଲ କରେ । ସଫଳତା ନିମନ୍ତେ ସମୟର ସଦୁପଯୋଗ କରିବା ସହିତ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରିବା ଦରକାର । ପାଠ୍ୟ ପୁସ୍ତକ ସହିତ ଦୁନିଆ ବିଷୟରେ ଜାଣିବା ପାଇଁ ବିଭିନ୍ନ ପୁସ୍ତକ ପଠନର ଅଭ୍ୟାସ କରିବା ଉଚିତ । ରାଜ୍ୟ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ଅନେକ ଗୁଡ଼ିକ ପଦକ୍ଷେପ ନେଇଥିବା ବେଳେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶୈକ୍ଷିକ ବାତାବରଣ ସୃଷ୍ଟି କରି ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିବା ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ନୟାଗଡ଼ ନିର୍ବାଚନ ମଣ୍ଡଳୀର ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ୨୦୨୦ରେ ସମ୍ବର୍ଦ୍ଧିତ କରିବା ନିମନ୍ତେ ଆୟୋଜିତ ଭର୍ଚୁଆଲ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା ନିଜ ଉପରେ ନିର୍ଭର କରେ । ତେଣୁ ପାଠପଢ଼ା ବୟସକୁ ଯିଏ ନିଜ ନିୟନ୍ତ୍ରଣରେ ରଖି ନିଷ୍ଠାର ସହ ପରିଶ୍ରମ କରିପାରିବ ସେ ନିଶ୍ଚୟ ସଫଳତାର ଶୀର୍ଷରେ ପହଂଚିବ । ଛାତ୍ରଛାତ୍ରୀମାନେ ଲାଭ କରୁଥିବା ଶିକ୍ଷା ଦ୍ୱାରା ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବା ସଙ୍ଗେ ସଂଗେ ସମାଜର ମଧ ମଙ୍ଗଳ ସାଧିତ ହେବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ମାନବିକତାରେ ପରିପୂର୍ଣ୍ଣ ହେବା ସହିତ ସମାଜ ପ୍ରତି ସମ୍ବେଦନଶୀଳ ହେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । କୋଭିଡ୍-୧୯ପରି ଏକ ଅସ୍ୱାଭାବିକ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଦୃଷ୍ଟିରୁ ଦକ୍ଷ ହେବା ପାଇଁ ମନ୍ତ୍ରୀ ଡ. ସାହୁ ପରାମର୍ଶ ଦେଇଥିଲେ । ନୟାଗଡ଼ ଶିକ୍ଷା ସମୂହ ସଂଗଠନ ପକ୍ଷରୁ ଆୟୋଜିତ ମେଧା ସମ୍ମାନ ୨୦୨୦ରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଲେ କୋଭିଡ୍-୧୯ ସ୍ଥିତିରେ ପରୀକ୍ଷା ଖାତା ମୂଲ୍ୟାୟନ କରିବା ଓ ଫଳ ପ୍ରକାଶନ ଏକ ଆହ୍ୱାନ ଥିଲା । ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଯେଉଁ ନିଷ୍ଠା ପ୍ରଦର୍ଶନ ଓ ପରିଶ୍ରମ କରିଥିଲେ ତାହାର ସୁଫଳ ପାଇଛନ୍ତି । ମହାବିଦ୍ୟାଳୟର ଶିକ୍ଷାଦାନ ପଦ୍ଧତି ଓ ପରିବେଶ ବିଦ୍ୟାଳୟର ଶିକ୍ଷାଦାନ ପରିବେଶଠାରୁ ଅଲଗା ହୋଇଥିବାରୁ ଛାତ୍ରଛାତ୍ରୀଙ୍କୁ ସେ ବିଷୟରେ ଅଧିକ ସଚେତନ ଓ ଯତ୍ନବାନ ହେବାକୁ ମନ୍ତ୍ରୀ ଶ୍ରୀ ଦାଶ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ସ୍ୱରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର କହିଲେ ଯେ, ଶିକ୍ଷା ହିଁ ସବୁ ସମାଧାନର ସୂତ୍ର । ମଣିଷର ତଥା ଦେଶର ପ୍ରଗତି ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରେ । ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନରେ ସମ୍ମାନିତ କରିବା ଏକ ଅଭିନବ ଓ ସଫଳ ପ୍ରୟାସ ଏବଂ ଏହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜୀବନରେ ଉତ୍କର୍ଷ ହାସଲ ଦିଗରେ ଉତ୍ସାହିତ କରିବ ବୋଲି ମନ୍ତ୍ରୀ କ୍ୟାପ୍‌ଟେନ ମିଶ୍ର କହିଥିଲେ । ବରିଷ୍ଠ ଶିକ୍ଷକ ନିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀ ପ୍ରଜ୍ଞାରାଣୀ ମହାପାତ୍ର ଓ କୃତୀ ଛାତ୍ର ଦୀପକ ସ୍ୱାଇଁ ସେମାନଙ୍କର ସଫଳତା ସମ୍ପର୍କରେ ବର୍ଣ୍ଣନା କରିଥିବା ବେଳେ ଲୋକନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଭର୍ଚୁଆଲ ବୈଠକରେ ୮୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ । ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନର ବ୍ୟବସ୍ଥା କରାଯାଇଛି ।

ଭୁବନେଶ୍ୱରରେ ଗୋଟିଏ ଦିନରେ ୩୨୪ ପଜିଟିଭ୍

ଭୁବନେଶ୍ୱର,୨୧।୮ (ନି.ପ୍ର): ଭୁବନେଶ୍ୱର ସହରରୁ ଶୁକ୍ରବାର ଗୋଟିଏ ଦିନରେ ୩୨୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୭୩ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୫୧ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ସେହିପରି ଗୋଟିଏ ଦିନରେ ଆଉ ୧୦୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟ୍ୱିଟ୍ ଯୋଗେ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୭୨୦କୁ ବୃଦ୍ଧି ପାଇଛି । ୪୦୬୧ ଜଣ ସୁସ୍ଥ ହୋଇଥିବା ବେଳେ ୩୩ ଜଣଙ୍କର ମୃତ୍ୟୁ ହୋଇଛି । ବର୍ତମାନ ୨୬୧୮ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି । ଶୁକ୍ରବାର ଚିହ୍ନଟ ୧୭୩ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ରାଜମହଲ ବ୍ଲକ ଏମଏଲଏ କ୍ୱାର୍ଟରରୁ ୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ୮ ଜଣ ଟ୍ରାଫିକ୍ କର୍ମଚାରୀ ଓ ନିଳାଦ୍ରୀବିହାରରୁ ୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଶିଖରଚଣ୍ଡୀ ଓ ରେଲ ବିହାରରୁ ୬ , ସ୍ୱାସ୍ଥ୍ୟ ବିଭାଗର ୬ କର୍ମଚାରୀ , ପାତ୍ରପଡାରୁ ୫ , ନୟାପଲ୍ଲୀରୁ ୫ ଜଣ କେନ୍ଦ୍ର ସରକାରୀ ଅଧିକାରୀ, ବାଣୀ ବିହାର ପଥର ବନ୍ଧ, ସୁକ ବିହାର, ରିଜର୍ଭ ପୋଲିସ୍ କଲୋନୀ ଓ ସହିଦନଗରରୁ ୪ ଜଣ ଲେଖାଏଁ , ଶୈଳଶ୍ରୀ ବିହାର ଭିଆଇଏମ ଅଂଚଳ,ପୋଖରୀପୁଟ କୋକିଳା ଗାର୍ଡେନ୍, ତପୋବନ ବସ୍ତି,ଲକ୍ଷ୍ମୀସାଗର, ଗଜପତିନଗରରୁ ୩ ଜଣ ଲେଖାଏଁ ଆକ୍ରାନ୍ତି ଚିହ୍ନଟ ହୋଇଛନ୍ତି । ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ପଟିଆ ଓ ସହିଦ ନଗରରୁ ୬ ଜଣ ଲେଖାଏଁ , ଲକ୍ଷ୍ମୀସାଗରରୁ ୫ , ଡୁମଡୁମା, ଝାରପଡାରୁ ୪ ଜଣ ଲେଖାଏଁ ଏବଂ ବାପୁଜୀନଗର, ବମିଖାଲ, ସାଲିଆସାହିରୁ ୩ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ଅନ୍ୟପକ୍ଷରେ ସାମନ୍ତରାପୁର ଓ ବଡଗଡ ବ୍ରିଟ୍ କଲୋନୀରୁ ୫ ଜର ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

୪୦ଟି ଅନୁସୂଚିତ ଜାତି ପରିବାରକୁ ସାମାଜିକ ବାସନ୍ଦ

ମାନବିକ ଅଧିକାର କମିଶନ ହସ୍ତକ୍ଷେପ ଦାବିକଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୧।୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସବ୍‌ଡିଭିଜନ୍‌ର ତୁମୁସିଙ୍ଗା ଥାନା ଅନ୍ତର୍ଗତ କଂଟିଓ କାଟେଣି ଗ୍ରାମର ୪୦ଟି ଅନୁସୂଚିତ ଜାତି ପରିବାରକୁ ସାମାନ୍ୟ ଫୁଲତୋଳାକୁ କେନ୍ଦ୍ରକରି ଗତ ୪ ମାସ ହେଲା ନିଆଁପାଣି, ରାସ୍ତାଘାଟ ବନ୍ଦ କରାଯାଇଛି । ଏଭଳିକି ବ୍ୟାଙ୍କ ଯିବା ମନା, ବିବାହ ଓ ମଲା ମୃତିକିଆରେ ଗାଁ ଦାଣ୍ଡରେ ଶୋଭାଯାତ୍ରା କିମ୍ବା ଶବ ଯିବା ମନା, ଦୋକାନୀ ଏହି ଅନୁସୂଚିତ ପରିବାରକୁ ସଉଦା ଦେଉନାହିଁ, ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ସେମାନଙ୍କୁ କାମ ମିଳୁନାହିଁ, ଗାଁ ଲୋକଙ୍କର ଜମି ଭାଗ କରିବାକୁ ମଧ ମନା କରାଯାଇଛି । ଏପରିକି ପିଡିଏସ୍ ଚାଉଳ, କିରୋସିନି ଓ ଗହମ ମଧ ଦେବାପାଇଁ ସ୍ଥାନୀୟ ଡିଲର ଏହି ପରିବାରଗୁଡ଼ିକୁ ମନା କରିଦେଇଛନ୍ତି । ସାମାଜିକ ବାସନ୍ଦ ଅସହ୍ୟ ହେବାପରେ ଏହି ଅନୁସୂଚିତ ପରିବାରଗୁଡ଼ିକ ପକ୍ଷରୁ ତୁମୁସିଙ୍ଗା ଥାନାରେ ୧୭ ତାରିଖ ଦିନ ଏତଲା ଦାୟର କରାଯାଇଥିଲା । ଘଟଣା ସମ୍ପର୍କରେ ସ୍ଥାନୀୟ ଥାନା ଅଧିକାରୀ ନିରବ, କାମାକ୍ଷାନଗର ଏସ୍.ଡି.ପି.ଓ ନିଷ୍କ୍ରିୟ ଏବଂ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛି । ଫଳରେ ଆଜି ସମାଜବାଦୀ ପାର୍ଟି ରାଜ୍ୟ କମିଟି ପକ୍ଷରୁ ପାର୍ଟି ସଭାପତି ରବି ବେହେରା ଓ ସମ୍ପାଦକ ସୁଦର୍ଶନ ପ୍ରଧାନ ପ୍ରମୁଖ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସମ୍ବିଧାନର ଧାରା ୧୭ ଅନୁଯାୟୀ ଛୁଆ ଅଛୁଆଁ ଭେଦଭାବକୁ ଆମ ସମ୍ବିଧାନରେ ବେଆଇନ୍ ଓ ଧର୍ତବ୍ୟ ଅପରାଧ ଭାବରେ ଗଣାଯାଉଥିଲେ ହେଁ ଆଜି ସାମାନ୍ୟ ଫୁଲତୋଳାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିବା ଅତ୍ୟନ୍ତ ଦୁଃଖଦାୟକ । ଦେଶରେ ଅନୁସୂଚିତ ଜାତିମାନଙ୍କୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ୧୯୩୪ ମସିହାରେ ମହାତ୍ମା ଗାନ୍ଧୀ "ହରିଜନ ପଦଯାତ୍ରା" ଆରମ୍ଭ କରିଥିଲେ । ଆଜି ଯେତେବେଳେ ଗାନ୍ଧିଜୀଙ୍କର ୧୫୦ତମ ଜନ୍ମବାର୍ଷିକୀ ଆମ୍ଭେ ପାଳନ କରୁଛେ ସେ ସମୟରେ ଏହି ଅନୁସୂଚିତ ଜାତିର ଲୋକମାନଙ୍କୁ ନିଆଁପାଣି ବନ୍ଦ କରିବା ଗଭୀର କ୍ଷୋଭର ବିଷୟ ବୋଲି ସମାଜବାଦୀପାର୍ଟି ରାଜ୍ୟ ସଭାପତି ରବି ବେହେରା ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ତୁରନ୍ତ ଘଟଣାର ହସ୍ତକ୍ଷେପ କରି ଢେଙ୍କାନାଳ ଜିଲ୍ଲା ପ୍ରଶାସନକୁ ଆଇନ୍ ଅନୁଯାୟୀ ବିହିତ ପଦକ୍ଷେପ ନେବାପାଇଁ ଶ୍ରୀ ବେହେରା ଚେତେଇ ଦେଇଛନ୍ତି । ତା' ନହେଲେ ଏହିଭଳି ଘଟୁଥିବା ସାମାଜିକ ବିଶୃଙ୍ଖଳାକୁ ନେଇ ସମାଜବାଦୀ ପାର୍ଟି ରାଜରାସ୍ତାକୁ ଓହ୍ଲାଇବ । ଢେଙ୍କାନାଳ ଘଟଣା ଆମ ସାମାଜିକ ଜୀବନରେ ଥିବା ବୈଷମ୍ୟ, ଘୃଣା ଓ ସମାଜର ବିକାଶର ଶେଷ ପାହାଚରେ ଥିବା ଲୋକଙ୍କ ପ୍ରତି ଏକ ପ୍ରତିଫଳନ ଓ ମାନବିକ ଅଧିକାରର ନଗ୍ନ ଉଲ୍ଲଙ୍ଘନ ବୋଲି ରାଜ୍ୟ ମାନବିକ ଅଧିକାର କମିଶନଙ୍କୁ ଦିଆଯାଇଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଯାଇଛି । କମିଶନ ଏହି ୪୦ଟି ପରିବାରକୁ ଆଇନ୍ ସମ୍ମତ ସାମ୍ବିଧାନିକ ନ୍ୟାୟ ଦେବାପାଇଁ ଏଥିରେ ପ୍ରାର୍ଥନା କରାଯାଇଛି । ରାଜ୍ୟରେ ଏହିଭଳି ବଜିଚାଲିଥିବା ସାମାଜିକ ବୈଷମ୍ୟ ବିରୁଧରେ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଏଥିରେ କୁହାଯାଇଛି । ତୁରନ୍ତ ରାଜ୍ୟ ସରକାର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି ।

ବିଶ୍ୱବିଦ୍ୟାଳୟ ଗୁଡିକରେ କୁଳପତି ପଦବୀ ଖାଲି ପଡିବା ଏବଂ ଶିକ୍ଷା ଭିତିଭୂମି ସୁଦୃଢ ନଥିବା ପ୍ରସଙ୍ଗ

ରାଜ୍ୟସରକାର ଓଡିଶାରେ ଶିକ୍ଷାର ବିକାଶ ଚାହୁଁନାହାନ୍ତି : ବିଜେପି ଯୁବ ମୋର୍ଚ୍ଚା

ଭୁବନେଶ୍ୱର, ୨୧ ଅଗଷ୍ଟ - ବୈଶ୍ୱିକ ପରିବର୍ତନ ଓ ତାର ଦୂରଗାମୀ ପ୍ରଭାବକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ନୂତନ ଶିକ୍ଷାନୀତି-୨୦୨୦ ଆଣିଥିବାବେଳେ, ରାଜ୍ୟସରକାର ଓଡିଶାରେ ଶିକ୍ଷାର ବିକାଶ ହେଉ ବୋଲି ଚାହୁଁନାହାଁନ୍ତି । ଓଡିଶାର ପିଲା ଭଲ ପାଠ ପଢନ୍ତୁ ଓ ଗବେଷଣା କରନ୍ତୁ ଏକଥା ରାଜ୍ୟସରକାର ଚାହାଁନ୍ତି ନାହିଁ । ଏହା କ'ଣ ଓଡିଶା ସରକାରଙ୍କ 'ଓଡିଆ ପ୍ରୀତିର ପରିଚୟ' ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଇରାସିସ ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଶ୍ରେଷ୍ଠ ୧୦୦ ତାଲିକାରେ ଓଡିଶାର ଗୋଟିଏ ବି ଶିକ୍ଷାନୁଷ୍ଠାନ ନାହିଁ । କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟକୁ ମଧ ବହୁ ବିଶ୍ୱବିଦ୍ୟାଳୟ ଆବେଦନ କରିନାହାଁନ୍ତି । କୁଳପତିଙ୍କ ଚାକିରୀ ଅବଧି ପରେ ବି ନୂଆ କୁଳପତି ନିଯୁକ୍ତ ହେଉ ନାହାନ୍ତି କାହିଁକି ? କୁଳପତି ନିଯୁକ୍ତିରେ ଶିକ୍ଷା ବିଭାଗର ଆଇନତଃ କୌଣସି ବିଶେଷ ଭୂମିକା ନଥିବାବେଳେ ଜାଣିଶୁଣି ବିଳମ୍ବ କରି ଆଇନର ଅବମାନନା କରାଯାଉନି କି ? କୁଳପତି ପଦ ଖାଲି ହେବାର ୩ ରୁ ୫ ମାସ ପୂର୍ବରୁ ସଂପୃକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯିବା କଥା , କିନ୍ତୁ କୌଣସି କାରଣରୁ ଏହି ବିଜ୍ଞପ୍ତି ଉଚ୍ଚଶିକ୍ଷା ବିଭାଗ ବାହର ନକରିବାର ଭିତିରି ରହସ୍ୟ କଣ ରହିଛି ? ଓଡିଶାର ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ପଡିଛି କେବଳ ଉତ୍କଳ ବିଶ୍ୱବିଦ୍ୟାଳୟରେ ୨୫୯ରୁ ୧୨୧ପଦ ଖାଲି ପଡିଛି । ରାଜ୍ୟସରକାରଙ୍କ ଅର୍ଥ ବିଭାଗର ନୂତନ ଆଦେଶ ଅନୁସାରେ କୌଣସି ଅବସରପ୍ରାପ୍ତ ଲୋକଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ନଥିଲେ ହେଁ ତୃତୀୟ ମହଳାର ନିର୍ଦ୍ଦେଶରେ ଅବସରପ୍ରାପ୍ତ ସଚିବଙ୍କୁ ନିଯୁକ୍ତି ଦେବା ପରି ଅବସରପ୍ରାପ୍ତ ଶିକ୍ଷକଙ୍କୁ ମଧ ନିଯୁକ୍ତି ଦିଆଯାଉଛି । ୨ ଜଣ ପ୍ରଫେସରଙ୍କୁ ଅହେତୁକ ଅନୁକଂପା ଦେଖାଇ ୩ ଟି ଲେଖାଏଁ ଦାୟୀତ୍ୱ ମିଳିଛି । ଉତ୍କଳ ବିଶ୍ୱବିଦ୍ୟାଳୟର ୭୫ ବର୍ଷ ଇତିହାସରେ ୮ଟିରୁ ଅଧିକ ଚେୟାର ପ୍ରତିଷ୍ଠା ହୋଇଥିଲା । ଏ ୨୦୧୮ରେ ବିଶ୍ୱବିଦ୍ୟାଳୟର କୁଳପତି ଚେୟାର ଗୁଡିକ ଯୋଡିବା ପାଇଁ ୨ ଜଣ ପ୍ରଫେସରଙ୍କ ନେତୃତ୍ୱରେ କମିଟି ଗଠନ କରିଥିଲେ । ହେଲେ ଗୋଟିଏ ବି ଚେୟାର ହୋଇନାହିଁ କି ଏହାର ପୁନରୁଦ୍ଧାର ହୋଇନାହିଁ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ଡିଜିଟାଲ ଲାଇବ୍ରେରୀ ଏବେ ତାଲା ପଡିଛି । ସେହିପରି ଇଂରାଜୀ, ଓଡିଆ, ସଂସ୍କୃତ ବିଭାଗକୁ ଗୋଟିଏ ବିଲଡିଙ୍ଗରେ କାର୍ଯ୍ୟକ୍ଷମ କରିବାକୁ ଲାଙ୍ଗୁଏଜ ବ୍ଲକ ପ୍ରତିଷ୍ଠା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳନ୍ୟାସ ତଥା ଉଦଘାଟିତ ହୋଇଥିଲେ ମଧ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଭାରତ ସରକାରଙ୍କର ରୁସା ଯୋଜନାରେ ବିଶ୍ୱବିଦ୍ୟାଳୟ ମାନଙ୍କୁ ଆସିଥିବା ଶହ ଶହ କୋଟି ଟଙ୍କାକୁ ହଡପ କରିବା ପାଇଁ ରାଜ୍ୟସରକାର ବିନା ଟେଣ୍ଡରରେ ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମକୁ କାର୍ଯ୍ୟ କରିବା ପାଇଁ ଆଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏବଂ ଉଚ୍ଚଶିକ୍ଷା ସଚିବଙ୍କ ଉଚ୍ଚଶିକ୍ଷା ପ୍ରତି କେତେ ଆଗ୍ରହ ତାହା ସ୍ପଷ୍ଟ ବାରି ହେଉଛି । ରାଜ୍ୟସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ବନ୍ଦ କରନ୍ତୁ । ତୁରନ୍ତ ନୂତନ କୁଳପତିମାନଙ୍କୁ ନିଯୁକ୍ତି ଦେବା ସହିତ ବେନିୟମ କାର୍ଯ୍ୟ ଗୁଡିକର ଉଚ୍ଚସ୍ତରୀୟ ତଦନ୍ତ ହେଉ ବୋଲି ଶ୍ରୀ ଆଚାର୍ଯ୍ୟ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ସଂପାଦିକା ଅର୍ପିତା ଅପରାଜିତା ବଡଜେନା ଏବଂ ଯୁବମୋର୍ଚ୍ଚା ଭୁବନେଶ୍ୱର ଜିଲ୍ଲା ସଭାପତି ଅଭିଷେକ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

କରୋନାରୁ ସୁସ୍ଥଙ୍କ ସଂଖ୍ୟା ୫୦ ହଜାର ଟପିଲା

ଭୁବନେଶ୍ୱର,୨୧।୮ (ନି.ପ୍ର): ରାଜ୍ୟରେ କରୋନାରୁ ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ଶୁକ୍ରବାର ୫୦ ହଜାର ପାର୍ ହୋଇଛି । ଶୁକ୍ରବାର ଦିନ ୩୦ଟି ଜିଲ୍ଲାରୁ ରେକର୍ଡ ସଂଖ୍ୟକ ୧୯୨୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହା ସହିତ ରାଜ୍ୟରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୫୦ ହଜାର ଟପି ୫୦,୫୦୩ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୪୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଗଞ୍ଜାମରୁ ୧୯୦ ଜଣ, ନୟାଗଡ଼ରୁ ୧୫୧, ରାୟଗଡ଼ାରୁ ୧୪୬, ସୁନ୍ଦରଗଡ଼ରୁ ୧୦୮,କନ୍ଧମାଳରୁ ୧୦୧, ଢେଙ୍କାନାଳରୁ ୯୫ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ମୟୁରଭଞ୍ଜରୁ ୮୮, କୋରାପୁଟରୁ ୮୬, କଟକରୁ ୭୮, ପୁରୀରୁ ୭୭,ବଲାଙ୍ଗୀରରୁ ୭୫, ଯାଜପୁରରୁ ୭୪, ବାଲେଶ୍ୱରରୁ ୭୦, ମାଲକାନଗିରିରୁ ୪୩, ନବରଙ୍ଗପୁରରୁ ୪୦, ଗଜପତିରୁ ୩୪, ଜଗତସିଂହପୁରରୁ ୩୦,ଭଦ୍ରକରୁ ୨୮, ନୂଆପଡ଼ାରୁ ୨୭, କଳାହାଣ୍ଡିରୁ ୨୧, ସମ୍ବଲପୁରରୁ ୨୧, କେନ୍ଦ୍ରାପଡ଼ାରୁ ୧୯, କେନ୍ଦୁଝରରୁ ୧୮, ଦେବଗଡ଼ରୁ ୧୭, ଝାରସୁଗୁଡ଼ାରୁ ୧୩, ବରଗଡ଼ରୁ ୧୨, ବୌଦ୍ଧରୁ ୮, ସୋନପୁରରୁ ୬ ଓ ଅନୁଗୁଳରୁ ୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ଲଗାଣ ବର୍ଷାରେ କ୍ଷତିଗସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ସରକାର : ପ୍ରଦୀପ୍ତ ନାଏକ

ଭୁବନେଶ୍ୱର, ୨୧ ଅଗଷ୍ଟ - ଗତ କିଛିଦିନ ତଳ

ଶନିବାର,୨୨ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷା ପାଣିରେ ଉବୁଟୁବୁ ଧୋୟାଞ୍ଚଳ : ଜୁଆରିଆ ଜଳ ନିଷ୍କାସନରେ ବାଧକ

ଲେଶ୍ୱର,୨୧।୮ (ନିପ୍ର): ଲଘୁଚାପ ଜନିତ ବର୍ଷର ଯୋଗୁଁ ଉତ୍ତର ବାଲେଶ୍ୱର ଓ ପଶ୍ଚିମବଂଗ ଅଂଚଳର ଉଦ୍‌ବୃତ୍ତ ବର୍ଷାପାଣି ଏବେ ଜଳେଶ୍ୱର, ଭୋଗରାଇରେ ଥିବା ଧୋୟାଞ୍ଚଳ ପ୍ରତି ବିପଦ ସୃଷ୍ଟି କରିଛି । ଅନ୍ୟପକ୍ଷରେ ସମୁଦ୍ର ଜୁଆରିଆ ରହୁଥିବାରୁ ଜଳନିଷ୍କାସନ ଠିକ୍‌ଭାବେ ହୋଇନପାରିବା ଯୋଗୁଁ ଦୀର୍ଘଦିନ ଜମିରେ ପାଣି ଅଟକିବା ସମ୍ଭବନା ଦେଖା ଦେଇଛି । ଗତ ୧୩ ତାରିଖରୁ ଅଦ୍ୟାବଧି ୨ଟି ଲଘୁଚାପ ଯୋଗୁଁ ବର୍ଷା ଲାଗି ରହିଛି । ୧୩ ତାରିଖରୁ ୧୬ ତାରିଖ ମଧ୍ୟରେ ୧୧୦ ମିମି ବର୍ଷା ହୋଇଥିବା ବେଳେ ୧୯ ଓ ୨୦ ତାରିଖରେ ୧୭୫ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଫଳରେ ଜଳେଶ୍ୱର ଓ ଭୋଗରାଇ ଅଂଚଳର ତଥାକଥିତ ଧୋୟାଞ୍ଚଳ ବର୍ଷାପାଣିରେ ବୁଡି ରହିଛି । ପୂର୍ବ ମେଦିନୀପୁର ଜିଲାରେ ପ୍ରବଳ ବର୍ଷା ହୋଇଥିବାରୁ ଏହି ସବୁ ବର୍ଷାପାଣି ଚିତେଇ ସିଷ୍ଟମର ୭ଟି ଖାଲ, ଖାଲଯୋଡି ସିଷ୍ଟମ୍‌ରେ ୫ଟି ଖାଲ, ଭଣ୍ଡାରିଆ ସିଷ୍ଟମ୍‌ରେ ୮ଟି ଖାଲ, ପଥୁରେଶ୍ୱର ସିଷ୍ଟମ୍‌ରେ ୩ଟି ଖାଲ, ଟୋପିନାଳ ସିଷ୍ଟମ୍‌ରେ ୨ଟି ଖାଲ ବ୍ୟତିତ ଅନ୍ୟ ୨୩ଟି ଛୋଟବଡ ଖାଲ ଦ୍ୱାରା ବର୍ଷରପାଣି ଜଳେଶ୍ୱର ଓ ଭୋଗରାଇକୁ ଜଳାର୍ଣ୍ଣବ କରିଛି । ଉଦ୍‌ବୃତ୍ତ ବର୍ଷାପାଣି ଯୋଗୁଁ ନଛିମପୁର, ସୁଗୋ, ନେତୁଆ, ସମ୍ପତ୍ତିଆ, ନିମ୍ପୋ, ଖାଲିନା, ବାଇଗଣବାଡିଆ, ପଶ୍ଚିମବାର୍ଡ, ଖୁଲୁଡା, ବର୍ତ୍ତନା, ଆରୁହା, ଚମାରଗାଁ, ରାଇବଣିଆ, ଓଲମରା, ଖୋଦିଆମାଝିଆସି, ମାକିଡିଆ, ଦକ୍ଷିଣପ୍ରହରାଜପୁର, ଦେବକୁମାର, ରାୟାଁରାମଚନ୍ଦ୍ରପୁର, ଶିଖରପୁର, ଲକ୍ଷଣନାଥ, ଗୋବରଘଟା, କଳମା, ଗୋପିମୋହନପୁର ଓ ଜଳେଶ୍ୱର ମ୍ୟୁନିସିପାଲଟିର ବହୁ ଅଂଚଳ ବର୍ଷାପାଣିରେ ବୁଡି ରହିଛି । ସେହିପରି ଭୋଗରାଇର ନହରା, ବାଲିମ, ନାଚିନ୍ଦା, ବାହାର୍ଦ୍ଦା, କୁସୁଡା, ପୁଟିଣା, ଗବଗାଁ, ଦାରୁହା, ବାଉଁଶଡିହା, ଦାହୁଣଦା, ଅଲାଲବିନ୍ଧା, ମହାଗବ, ଗୁଣସାର୍ଥୀ, ସିଆଁରୁଇ, କୁଳିଦା, ଖରିଦ ପିମ୍ପଳ ଇତ୍ୟାଦି ଫଂଚାୟତ ପଶ୍ଚିମବଂଗର ଉଦ୍‌ବର୍ଷାପାଣିରେ ବୁଡି ରହିଛି । ଏହି ବର୍ଶାପାଣି ଏବେ ମଧ୍ୟ ଗତି ଆସୁଥିବାରୁ ଧୋୟାଅଂଚଳ ▶▶ପୃଷ୍ଠା ୭

ଭଦ୍ରକ ବିଧାୟକଙ୍କୁ କରୋନା

ଭୁବନେଶ୍ୱର,୨୧।୮ (ନି.ପ୍ର): ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ କରୋନା ଆକ୍ରାନ୍ତ ହୋଇଛନ୍ତି । ଏ ନେଇ ସେ ନିଜେ ଟୁଇଟ କରି ଜଣାଇଛନ୍ତି । ସେ ଟୁଇଟ୍ କରି କହିଛନ୍ତି ଯେ 'ଆଜି ମୋର କୋଭିଡ୍ ଟେଷ୍ଟ କରାଯାଇଥିଲା ଏବଂ ପରୀକ୍ଷା ପରେ ରିପୋର୍ଟ ପଜିଟିଭ ଆସିଛି । ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ଯେଉଁମାନେ ଗତ କିଛି ଦିନ ମଧ୍ୟରେ ମୋ ଯୋଗାଯୋଗରେ ଆସିଛନ୍ତି, ଦୟାକରି କୋଭିଡ୍ ଟେଷ୍ଟ କରାଇ ନିଅନ୍ତୁ ଏବଂ କୋଭିଡ୍ ପଜିଟିଭ୍ ଗାଇଡ୍ ଲାଇନ୍ ପାଳନ କରନ୍ତୁ ବୋଲି ଟୁଇଟରେ ଲେଖିଛନ୍ତି ବିଧାୟକ ସଞ୍ଜୀବ ମଲ୍ଲିକ ।

ସୂଚନାଯୋଗ୍ୟ ଯେ ଗତକାଲି ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା କରୋନାରେ ଆକ୍ରାନ୍ତ ହୋଇଥିଲେ । ସେହିପରି ଗତ ୧୭ ତାରିଖରେ ରାଜ୍ୟ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାଯାଇଥିଲା । ପୂର୍ବରୁ ରାଜ୍ୟର ୫ଜଣ ବିଧାୟକ କରୋନା ଆକ୍ରାନ୍ତ ହୋଇଥିଲେ । ଏଥିପୂର୍ବରୁ ବାଲେଶ୍ୱର ଜିଲ୍ଲାର ନୀଳଗିରି ଓ ରେମୁଣା, କଟକ ଜିଲ୍ଲାର ସାଲେପୁର, ଗଞ୍ଜାମ ଜିଲ୍ଲାର ପୋଲସରା ବିଧାୟକ ଓ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବିଧାୟକ କରୋନାରେ ଆକ୍ରାନ୍ତ ହୋଇଥିଲେ ।

କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୨୬ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୧।୮ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ଗତ ୧୨୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୧୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

ଦିନକରେ ୧୦୨ କରୋନା ପଜିଟିଭ୍ ଚିହ୍ନଟ

୨୬୪୦କୁ ବୃଦ୍ଧି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୨୧।୮ (ନି.ପ୍ର): ଦିନକୁ ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୯ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୫୫ ହଜାର ଛୁଇଁଛି । ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୨୬୯୮ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୨ହଜାର ଅତିକ୍ରମ କରିଛି । ଅନ୍ୟପକ୍ଷରେ ଆଜି ୧୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଏବେ ୩୯୦ରେ ପହଞ୍ଚିଛି । ସେହିଭଳି ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ଯାଉଛି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୧୦୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୨୬୪୦ରେ ପହଞ୍ଚିଛି । ଅଦ୍ୟାବଧି ୧୫୬୯ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୦୫୮ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ଅଦ୍ୟାବଧି ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୮ରେ ସ୍ଥିର ରହିଛି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୦୨ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି । ସେମାନଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରୁ ୩୨ଜଣ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି । ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ସ୍ଥାନୀୟ ସଂକ୍ରମଣ ବଢ଼ିଚାଲିଥିବା ବେଳେ ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

ଜିଲ୍ଲାରେ ପୁଣି ବାହାରିଲେ ୮୯ କରୋନା ଆକ୍ରାନ୍ତ

ଭଦ୍ରକ,୨୧।୮ (ନି.ପ୍ର): ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ଭାବେ ୮୯ଜଣ ଚିହ୍ନଟ ହୋଇଛନ୍ତି । ଫଳରେ ଆଜି ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୯୩୦ ହୋଇଛି । ସେମାନଙ୍କ ମଧ୍ୟରେ ସୁସ୍ଥ ହୋଇଛନ୍ତି ୧୦୬୧ଜଣ ଏବଂ ଆକ୍ରାନ୍ତ ଭାବେ ଚିକିତ୍ସାଧିନ ଅଛନ୍ତି ୮୬୩ଜଣ । ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନେ ହେଲେ ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତରୁ ଜଣେ, ଭଦ୍ରକ ବ୍ଲକ କୋଡବରୁଆଁ ପଞ୍ଚାୟତରୁ ଜଣେ, ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତରୁ ଜଣେ, ତିହିଡି ବ୍ଲକ ସାହାପୁର ପଞ୍ଚାୟତରୁ ଜଣେ, ଚାନ୍ଦବାଲି ଏନ୍‌ଏସିର ଏସ୍‌ଏନ୍ କଲୋନୀରୁ ଜଣେ । ସେହିଭଳି ଲୋକାଲ କଣ୍ଟାକ୍ଟରୁ ଚିହ୍ନଟ ହୋଇଛନ୍ତି ଧାମନଗର ବ୍ଲକ ତାଳପଦା ପଞ୍ଚାୟତରୁ ୬ଜଣ, ସୋହଡା ପଞ୍ଚାୟତରୁ ଜଣେ, ପାଳସାହିରୁ ୨ଜଣ, ରାଧାବଲ୍ଲଭପୁରରୁ ଜଣେ, ବାସୁଦେବପୁର ବ୍ଲକ ନୂଆଗାଁ ପଞ୍ଚାୟତରୁ ୩, ରାଜଘରପୋଖରୀରୁ ୪, ଗୁଆଗଡିଆରୁ ୬, ବାଲିମେଦରୁ ୨ଜଣ, ବରଣ୍ଡୁଆରୁ ୩ଜଣ, ଅଡୁଆଁରୁ ୨ଜଣ, ଇରମରୁ ଜଣେ, ସୁଗୋରୁ ଜଣେ, ବ୍ରାହ୍ମଣୀଗାଁରୁ ଜଣେ, ଲକ୍ଷ୍ମୀଦାସପୁରରୁ ଜଣେ, ବିଦେଇପୁରରୁ ଜଣେ, ନରସିଂହପୁରରୁ ଜଣେ, ପଦ୍ମପୁରରୁ ଜଣେ, ବାସୁଦେବପୁର ପୌରପାଳିକାର ମନ୍ଦାରୀରୁ ଜଣେ, ଭଦ୍ରକ ପୌରପାଳିକାର ୧୧ ନଂ ୱାର୍ଡରୁ ୫ଜଣ, ୬ ନଂ ୱାର୍ଡରୁ ଜଣେ, ୧୭ ନଂ ୱାର୍ଡରୁ ୨ଜଣ, ୨୧ ନଂ ୱାର୍ଡରୁ ୩ଜଣ, ୧୦ ନଂ ୱାର୍ଡରୁ ଜଣେ, ୧୩ ନଂ ୱାର୍ଡରୁ ଜଣେ, ୧୫ ନଂ ୱାର୍ଡରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ, ୭ ନଂ ୱାର୍ଡରୁ ୨ଜଣ, ୮ ନଂ ୱାର୍ଡରୁ ଜଣେ, ତିହିଡି ଭାଟପଡା ପଞ୍ଚାୟତରୁ ୪ଜଣ, ପାଳିଆବିନ୍ଧାରୁ ଜଣେ, ଇଶାଣପୁର ପଞ୍ଚାୟତରୁ ଜଣେ, କାଁପଡାରୁ ଜଣେ, ମୁକୁନ୍ଦପୁରରୁ ଜଣେ,ଚାନ୍ଦବାଲି ବ୍ଲକ ପାଞ୍ଚପଡା ପଞ୍ଚାୟତରୁ ୨ଜଣ, ଧାମରାରୁ ଜଣେ, ନନ୍ଦପୁରରୁ ଜଣେ, ଗୋପିନାଥପୁରରୁ ଜଣେ, ଚାନ୍ଦବାଲ ଏନ୍‌ଏସିର ୫ ନଂ ୱାର୍ଡରୁ ଜଣେ, ଭଦ୍ରକ ବ୍ଲକ ଅଣ୍ଟେଇପଲ୍ଲୀରୁ ୪ଜଣ, କୋରକୋରାରୁ ୨ଜଣ, ବନ୍ତ ବ୍ଲକ ବଡମହିଷିଗୋଠରୁ ଜଣେ, ଅଣିଜୋରୁ ଜଣେ, ଆଡିଆରୁ ଜଣେ, ବନ୍ତରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ପଞ୍ଚାୟତରୁ ଜଣେ, ଦକ୍ଷିଣବାଡ ପଞ୍ଚାୟତରୁ ଜଣେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଗୋଚର ଜବରଦଖଲକୁ ନେଇ ଖାନନଗରରେ ଉତ୍ତେଜନା

ବାଲେଶ୍ୱର,୨୧।୮ (ନି.ପ୍ର): ଗୋଚର ଜମି ଜବରଦଖଲକୁ ନେଇ ସଦର ବ୍ଲକ ଅନ୍ତର୍ଗତ ଖାନନଗର ପଞ୍ଚାୟତରେ ଆଜି ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଥିଲା । ଜବରଦଖଲକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଦେଖା ଦେଇଥିବା ମୁହାଁମୁହିଁ ଅବସ୍ଥାକୁ ନେଇ ସେଠାରେ ଅଭାବନୀୟ ପରିସ୍ଥିତି ଲକ୍ଷ୍ୟ କରାଯାଇଥିଲା । ଏହି ଗ୍ରାମର ୪୬୯ନଂ ଖାତା ଓ ୫୫୮ ନଂ ଖସଡ଼ାରେ ଥିବା ୧୧ଏକର ୧ ଡିସିମିଲ ଗୋଚର ଜମିରେ ଆବାହମାନ କାଳରୁ ଗୋରୁଗାଈ ଚରିବା ସହିତ ସ୍କୁଲ କଲେଜର ପିଲାମାନେ ଖେଳପଡ଼ିଆ ଭାବେ ବ୍ୟବହାର କରିଆସୁଥିଲେ । ମାତ୍ର ଗତ କିଛିଦିନ ଧରି ଏହି ଗ୍ରାମର ଶରତ ଚନ୍ଦ୍ର ପୂହାଣ ଓ ଏହି ଗ୍ରାମର ଜ୍ୱାଇଁ ପୁଲିସ ଇନ୍‌ସ୍ପେକ୍ଟର ଦୀପକ କୁମାର ଜେନା(କରୋନା ବେଳେ ପୁରୀ ଶ୍ରୀମନ୍ଦିର ପ୍ରବେଶ ସହ ବିବାଦୀୟ ହୋଇଥିବା) କିଛି କିଛି ଗୋଚର ଜମିକୁ ଜବରଦଖଲ କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ପୁଲିସ ଜ୍ୱାଇଁ ଶ୍ରୀ ଜେନାଙ୍କ ପରାମର୍ଶ କ୍ରମେ ଶ୍ୱଶୁର ଘର ଲୋକଙ୍କ ସମେତ ପୂହାଣ ପରିବାର ମନ୍ଦିର ନିର୍ମାଣ କରିବା ଆଳରେ ପ୍ରଥମେ ୫୦ ଡିସିମିଲରୁ ଅଧିକ ଜମି ଦଖଲ କରିବା ଦେଖି ଗ୍ରାମର ଅନ୍ୟମାନେ ମଧ୍ୟ ନିଜ ନିଜ ଜମିପାର୍ଶ୍ୱ ଗୋଚର ଜମି ଦଖଲ ପାଇଁ ଉଦ୍ୟମ ଆରମ୍ଭ କରିଥିବା ଗ୍ରାମବାସୀମାନେ କହିଛନ୍ତି । ଅଦ୍ୟାବଧି ସମ୍ପୃକ୍ତ ୧୧ ଏକର ଜମିରୁ ୩ ଏକରରୁ ଊର୍ଦ୍ଧ୍ୱ ଜାଗା ସମେତ ଗ୍ରାମର ଅନ୍ୟାନ୍ୟ ସରକାରୀ ଜମି ଜବରଦଖଲକାରୀଙ୍କ କବଜାକୁ ଚାଲିଗଲାଣି ବୋଲି ସେମାନେ ପ୍ରକାଶ କରିଛନ୍ତି ।ଏବେଠାରୁ ଯଦି ଏହି ଜବରଦଖଲକୁ ରୋକା ନ ଯାଏ ତାହାଲେ ଆଗାମୀ ଦିନରେ ଗୋରୁଗାଈ ଚରିବା, ପିଲାଙ୍କ ଖେଳାଖେଳି ପାଇଁ ଓ ଜନକଲ୍ୟାଣକାରୀ ପ୍ରକଳ୍ପ ନିମନ୍ତେ ଡିସିମିଲଏ ଜମି ବି ରହିବ ନାହିଁ ବୋଲି ଗ୍ରାମବାସୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଜବରଦଖଲ ହୋଇଥିବା ପଞ୍ଚାୟତ ଅଫିସ ସମ୍ମୁଖ ସରକାରୀ ଜମି ପ୍ରଥମେ ଉଚ୍ଛେଦ କରାଯିବା ସହ ପର୍ଯ୍ୟାୟ କ୍ରମେ ଅନ୍ୟାନ୍ୟ ଜମିକୁ ଜବରଦଖଲ ମୁକ୍ତ ପାଇଁ ସେମାନେ ଦାବି କରିଥିଲେ । ତେବେ ଆଜିର ଏହି ଉତ୍ତେଜନାମୂଳକ ସ୍ଥିତି ସମ୍ପର୍କରେ ଖବର ପାଇ ସଦର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରେଭେନ୍ୟୁ ସୁପରଭାଇଜର ଗୋପାଳ ମାଝୀ, ରେଭେନ୍ୟୁ ଇନ୍‌ସ୍ପେକ୍ଟର ମମତା ପ୍ରିୟଦର୍ଶିନୀ ସିଂ, ଅମିନ ଅଶୋକ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କ ଯୁକ୍ତି ଅନୁସାରେ ତଦନ୍ତ କରିଥିଲେ । ତଦନ୍ତ ପରେ ସରକାରୀ ଜମିର ସ୍ଥିତାବସ୍ଥା ସମ୍ପର୍କରେ ସୋମନେ ସଦର ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଥିଲେ । ସେହି ଅନୁସାରେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଭେନ୍ୟୁ ସୁପରଭାଇଜର ଶ୍ରୀ ସେଠୀ ସୂଚନା ଦେଇଥିଲେ ।

ରାଜ୍ୟର ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ୟୁରିଆ ଯୋଗାଇବ କେନ୍ଦ୍ର: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୮ (ନି.ପ୍ର): ରାଜ୍ୟରେ ୟୁରିଆ ସାରର ଅଭାବ ନେଇ ଶୁକ୍ରବାର କେନ୍ଦ୍ର ସାର ଓ ରସାୟନ ରାଷ୍ଟ୍ରମନ୍ତ୍ରୀ ମନସୁଖଲାଲ ମାଣ୍ଡଭିୟଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଚଳିତ ଖରିଫ ଋତୁ ସମୟରେ ଓଡିଶାର ଚାଷୀଙ୍କୁ ପର୍ଯ୍ୟାପ୍ତ ୟୁରିଆ ଯୋଗାଣରେ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ଶ୍ରୀ ମାଣ୍ଡଭିୟ ପ୍ରତିଶ୍ରୁତି ଦେଇଥିବା ଟ୍ୱିଟ୍ ଯୋଗେ ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ୟୁରିଆ ସାରର ଅଭାବ ନେଇ ବିଭିନ୍ନ ମହଲରୁ ଅଭିଯୋଗ ହେବା ପରେ ନବରଙ୍ଗପୁରର ପୂର୍ବତନ ସାଂସଦ ବଳଭଦ୍ର ମାଝୀ ଏ ନେଇ ତାଙ୍କୁ ଅବଗତ କରିଥିଲେ । ଏହା ପରେ ସେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ମନସୁଖଲାଲ ମାଣ୍ଡଭିୟଙ୍କ ସହ ଫୋନ ଯୋଗେ କଥା ହୋଇଥିବା ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି । ଉଲ୍ଲେଖନୀୟ ଯେ, ଶ୍ରୀ ପ୍ରଧାନଙ୍କ ଏ ସମ୍ପର୍କିତ ଟ୍ୱିଟରେ ପ୍ରତିକ୍ରିୟା ଦେଇ ଶ୍ରୀ ମାଣ୍ଡଭିୟ ଓଡିଶାର କୋଣ ଅନୁକୋଣକୁ ପର୍ଯ୍ୟାପ୍ତ ସାର ଯୋଗାଣ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ।

ନୂତନ ଏ.ଏସ୍.ପି. ଙ୍କୁ ଭେଟିଲେ ପାରାଦୀପ ପ୍ରେସ୍ ମିଡିଆ କର୍ମକର୍ତ୍ତା

ପାରାଦୀପ,୨୧।୮ (ନି.ପ୍ର): ଗତ ୧୪ ତାରିଖ ଦିନ ପାରାଦୀପର ନୂତନ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ପୁଲିସ ଅଧିକାରୀ ନିମାଇଁ ଚରଣ ସେଠୀ । ଗତ ଜୁନ୍ ୩୦ ତାରିଖରେ ପୂର୍ବତନ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ଚରଣ ମିଶ୍ର ଅବସର ଗ୍ରହଣ କରିବାପରେ ଜଗତସିଂହପୁର ଏ.ଏସ୍.ପି. ବିଶ୍ୱନାଥ ମିଶ୍ର ପାରାଦୀପ ଦାୟିତ୍ୱ ତୁଲାଉଥିଲେ । ଗତ ୧୪ ତାରିଖରେ ଶ୍ରୀ ସେଠୀ ତାଙ୍କର ପାରାଦୀପ କାର୍ଯ୍ୟାଳୟରେ ପହଁଚି ଦାୟିତ୍ୱ ଗ୍ରହଣ କରିଛନ୍ତି । ନବନିଯୁକ୍ତ ଏ.ଏସ୍.ପି. ଙ୍କୁ ବିଭିନ୍ନ ବ୍ୟକ୍ତିବିଶେଷ ଓ ବୁଦ୍ଧିଜିବୀ ମହଲରୁ ସ୍ୱାଗତ କରାଯାଇଛି । ଏହି ଅବସରରେ ପାରାଦୀପ ପ୍ରେସ୍ ମିଡିଆ ସଂଘ ପକ୍ଷରୁ ମଧ୍ୟ ସୌଜନ୍ୟ ମୂଳକ ସାକ୍ଷାତ କରାଯିବାସହ ସ୍ୱାଗତ କରାଯାଇଥିଲା । ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ସୁଧିର ରଂଜନ ଦାଶଙ୍କ ନେତୃତ୍ୱରେ ପାରାଦୀପ ପ୍ରେସ୍ ମିଡିଆ ସଭାପତି ବସନ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ପରିଡା, ସାଧାରଣ ସଂପାଦକ ବଟକୃଷ୍ଣ ଦାସ, ସହସଂପାଦକ ମନୋଜ କୁମାର ଦାସ, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ବିଶ୍ୱାଳ, ଓଡିଶା ସାମ୍ବାଦିକ ସଂଘର ପାରାଦୀପ ସଭାପତି କର୍ମେଶ୍ୱର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଅମିୟ କୁମାର ଦାସ, ହରିଶ୍ଚନ୍ଦ୍ର ଲେଙ୍କା, ଅଜିତ୍ କୁମାର ଦାସ, ବିବେକାନନ୍ଦ ରାଉତ, ସମିର କୁମାର ମହାନ୍ତୀ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧୀ ମାନେ ଶ୍ରୀ ସେଠୀଙ୍କୁ ଫୁଲତୋଡା ପ୍ରଦାନକରି ସ୍ୱାଗତ ଜଣାଇଥିଲେ । ତେବେ ପାରାଦୀପ ଭଳି ଏକ ବନ୍ଦର ସହରରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିରେ ଦୃଢତା ଆଣିବା ପାଇଁ ଗଣମାଧ୍ୟମ ପ୍ରତିନିଧୀଙ୍କ ସହଯୋଗ